nr international

**ଏନ୍.ଆର୍. ମ୍ୟାନେଜ୍‌ମେଣ୍ଟ୍ କନ୍‌ସଲ୍‌ଟାଣ୍ଟ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍**
(ଏନ୍.ଆର୍. ଇଣ୍ଟରନ୍ୟାସ୍‌ନ୍ୟାଲ୍ ଲିମିଟେଡ୍ ର ସହଯୋଗୀ ଅନୁଷ୍ଠାନ)
ମାର୍ଫତ୍ : ସି.ଏ.ବି.ଆଇ., ଅଫିସ୍ ବ୍ଲକ୍, ଦ୍ୱିତୀୟ ମହଲା
ନ୍ୟାସ୍‌ନାଲ୍ ଏଗ୍ରିକଲ୍‌ଚର୍ ସାଇନ୍ସ ସେଣ୍ଟର୍
ଡି.ପି. ଶାସ୍ତ୍ରୀ ମାର୍ଗ, ନୂଆଦିଲ୍ଲୀ : ୧୧୦ ୦୧୨
ଇ-ମେଲ୍ : info@nrmcindia.co.in
ଟେଲିଫୋନ୍:+୯୧ ୧୧ ୨୫୮୪ ୦୫୯୪
ଫ୍ୟାକ୍ସ : +୯୧ ୧୧ ୨୫୮୪ ୨୯୦୭



www.knowledge.org.in

**ନଲେଜ୍ କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (କେ.ସି.ଏସ୍.)**
(ନଲେଜ୍ ଟ୍ରଷ୍ଟ୍ ର ଏକ ଅଂଶ ବିଶେଷ)
ଏନ୍-୧, ଏ-୫, ଆଇ.ଆର୍.ସି. ଭିଲେଜ, ନୂଆପଲ୍ଲୀ
ଭୁବନେଶ୍ୱର : ୭୫୧ ୦୧୫
ଟେଲିଫୋନ୍:+୯୧ ୬୭୪ ୨୫୫୧୭୧୦
ଫ୍ୟାକ୍ସ : +୯୧ ୬୭୪ ୨୫୫୮୮୦୮

**ତଥ୍ୟ ଓ ସୂଚନା ସହାୟତା :**
ଡି.ଏଫ୍.ଆଇ.ଡି., ଟ.ଏ ପାଣ୍ଠି ର ଆର୍ଥିକ ସହାୟତା ସହ
ଓ.ଟି.ଇ.ଏଲ.ପି. ର **ସଂଗ୍ରହ ସମର୍ଥନ ଦଳ (ପି.ଏସ୍.ଟି.)**
(ଏନ୍.ଆର୍. ମ୍ୟାନେଜ୍‌ମେଣ୍ଟ୍ କନ୍‌ସଲ୍‌ଟାଣ୍ଟ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍,
ଏନ୍.ଆର୍. ଇଣ୍ଟରନ୍ୟାସ୍‌ନ୍ୟାଲ୍ ଲିମିଟେଡ୍ ଓ ନଲେଜ୍ ଟ୍ରଷ୍ଟ୍ ର ମିଳିତ ଉଦ୍ୟମ)
ଏନ୍-୧, ଏ-୫, ଆଇ.ଆର.ସି.ଭିଲେଜ, ଭୁବନେଶ୍ୱର-୭୫୧୦୧୫
ଟେଲିଫୋନ୍: +୯୧୬୭୪, ୨୫୫୧୨୪୩, ୨୫୫୧୭୧୦
ଫ୍ୟାକ୍ସ - ୯୧-୬୭୪-୨୫୫୮୮୦୮

ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ



# ଜୀବନ ଓ ଜୀବିକାରେ ପରିବର୍ତ୍ତନ

ଓଟିଇଏଲପିର ଯୋଗାଯୋଗ ସ୍ଥାପନ ଯୋଜନା

ନୀତି ନିର୍ଦ୍ଧାରଣ ୩ୟ ପତ୍ର / ନଭେମ୍ବର ୨୦୦୮


# ‘ଜୀବନ ଓ ଜୀବିକାରେ ପରିବର୍ତ୍ତନ’

## ଓଟିଇଏଲ୍‌ପିର ଯୋଗାଯୋଗ ସ୍ଥାପନ ଯୋଜନା

**ଅକ୍ଟୋବର - ୨୦୦୯**

ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ (ଓଟିଇଏଲପି)
ଭୁବନେଶ୍ୱର

ନୀତି ନିର୍ଦ୍ଧାରଣ - ୩ୟ ପତ୍ର



**ଜୀବନ ଓ ଜୀବିକାରେ ପରିବର୍ତ୍ତନ**

ଯୋଗାଯୋଗ ସ୍ଥାପନ ଯୋଜନା

(Communication Strategy)


**କୌଶଳ ବିକାଶ ଦଳ**

ବୀରେନ୍ଦ୍ର  ଦାସ

ଏସ୍.ବି. ରାୟ

ଦାଶରଥି ସାହୁ

**ମାର୍ଗ ଦର୍ଶନ ଓ ବିଷୟ ସଂଯୋଜନା**

ଦୀପକ ମହାନ୍ତି, ଆଇ.ଏଫ୍.ଏସ୍.

କାର୍ଯ୍ୟକ୍ରମ ନିର୍ଦ୍ଦେଶକ (ଓଟିଇଏଲ୍‌ପି)

ସୁବ୍ରତ କୁମାର କର,

କାର୍ଯ୍ୟକ୍ରମ ଅଧିକାରୀ, ଦକ୍ଷତା ବିକାଶ, ଓଟିଇଏଲ୍‌ପି

**ଅଳଙ୍କରଣ**

ମୀନକେତନ ପଟ୍ଟନାୟକ

**ଓଡ଼ିଆ ସଂସ୍କରଣ**

**ସଂପାଦନା, ବିନ୍ୟାସ  ଓ ପରିକଳ୍ପନା**

ବିରେନ୍ଦ୍ର ଦାସ



ସତ୍ତ୍ୱ ତ୍ୟାଗ:  ଇଂଲଣ୍ଡର ଆନ୍ତର୍ଜାତିକ ଉନ୍ନୟନ ବିଭାଗ (ଡିଏଫ୍‌ଆଇଡି) ପ୍ରଦତ୍ତ ଅର୍ଥରେ ପରିଚାଳିତ ଏକ ପ୍ରକଳ୍ପ ଉଦ୍ଦେଶ୍ୟରେ ଏହି ପୁସ୍ତିକା ରଚନା କରାଯାଇଛି । ଏହା ବିକାଶଶୀଳ ଦେଶମାନଙ୍କ ଉନ୍ନତିକଳ୍ପେ ପ୍ରସ୍ତୁତ । ଏଥିରେ ପ୍ରକାଶିତ ମତାମତ ସବୁ କ୍ଷେତ୍ରର ଡିଏଫ୍‌ଆଇଡ଼ି ର ନୁହେଁ ।

# ସୂଚୀପତ୍ର


ପୃଷ୍ଠା ୧
ସାଙ୍କେତିକ ଅକ୍ଷର

ପୃଷ୍ଠା ୩
ପ୍ରକଳ୍ପ ସାରାଂଶ

ପୃଷ୍ଠା ୫
ପୃଷ୍ଠଭୂମି

ପୃଷ୍ଠା ୭
ଜୀବିକା ନିର୍ବାହ ପ୍ରକଳ୍ପ ପାଇଁ ଉତ୍ତମ ଯୋଗାଯୋଗ ସ୍ଥାପନରେ ପ୍ରତିବନ୍ଧକ ଓ ସମସ୍ୟା

ପୃଷ୍ଠା ୯
କୌଶଳପୂର୍ଣ୍ଣ ଯୋଗାଯୋଗ ସ୍ଥାପନ ଯୋଜନାର ଆବଶ୍ୟକତା

ପୃଷ୍ଠା ୧୦
ଯୋଗାଯୋଗ ସ୍ଥାପନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ପୃଷ୍ଠା ୧୧
ଯୋଗାଯୋଗ କାର୍ଯ୍ୟକ୍ରମର ଉପାଦାନ

ପୃଷ୍ଠା ୧୫
ଯୋଗାଯୋଗ ସ୍ଥାପନ ରଣନୀତିର ପ୍ରୟୋଗ

ପୃଷ୍ଠା ୧୯
ଯୋଗାଯୋଗ କାର୍ଯ୍ୟକ୍ରମ ନିମନ୍ତେ ଦକ୍ଷତା ବିକାଶ

ପୃଷ୍ଠା ୨୧
କାର୍ଯ୍ୟକ୍ରମ ରୂପାୟନରେ ବ୍ୟକ୍ତି, ସଂସ୍ଥାର ଭୂମିକା ଏବଂ ଦାୟିତ୍ୱ

ପୃଷ୍ଠା ୨୨
ଓଟିଇଏଲ୍‌ପି ପ୍ରକଳ୍ପରେ ଯୋଗାଯୋଗ ସ୍ଥାପନର ପଦ୍ଧତି

ପୃଷ୍ଠା ୨୪
ସାରଣୀ-୧, ଯୋଗାଯୋଗ କୌଶଳ ରୂପାୟନ ଯୋଜନା

ପୃଷ୍ଠା ୩୧
ସାରଣୀ-୨, ଓଟିଇଏଲ୍‌ପି ପ୍ରକଳ୍ପ ବିକାଶ ନିମନ୍ତେ ଗ୍ରାମ୍ୟ ସ୍ତରରୁ ଯୋଗାଯୋଗ କାର୍ଯ୍ୟକ୍ରମ

ପୃଷ୍ଠା ୩୩
ସାରଣୀ-୩, ସୂଚକ

# ସାଂକେତିକ ଅକ୍ଷର /ଶବ୍ଦ



| | | |
|---|---|---|
| ଡ଼ି.ଏଫ୍.ଆଇ.ଡ଼ି (DFID) | - | ଆନ୍ତର୍ଜାତିକ ଉନ୍ନୟନ ବିଭାଗ |
| ଏଫ.ଏନ.ଜି.ଓ (FNGO) | - | ସୁଯୋଗ ସୃଷ୍ଟିକାରୀ ବେସରକାରୀ ସଂସ୍ଥା |
| **ଜି.ଓ.ଆଇ** (G.o.I) | - | ଭାରତ ସରକାର |
| ଜି.ଓ.ଓ (G.o.O) | - | ଓଡିଶା ସରକାର |
| ଆଇ.ଟି.ଡ଼ି.ଏ (ITDA) | - | ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା |
| ଏମ୍.ଆଣ୍ଡ.ଇ (M&E) | - | ପରିଚାଳନା ଓ ମୂଲ୍ୟାୟନ |
| ଏମ୍.ଆଇ.ଏସ (MIS) | - | ପରିଚାଳନା ସୂଚନା ବ୍ୟବସ୍ଥା |
| ପି.ଡ଼ି(PD) | - | ପ୍ରକଳ୍ପ ନିର୍ଦ୍ଦେଶକ |
| ପି.ଏସ.ୟୁ (PSU) | - | ପ୍ରକଳ୍ପ ସହାୟକ ଏକକ |
| ପି.ଏସ.ସି (PSC) | - | କାର୍ଯ୍ୟକ୍ରମ ପରିଚାଳନା କେନ୍ଦ୍ର |
| ପି.ଏମ.ଏସ (PMS) | - | କାର୍ଯ୍ୟକ୍ରମ ପରିଚାଳନା ବ୍ୟବସ୍ଥା |
| ପି.ଆର.ଏ (PRA) | - | ଗ୍ରାମୀଣ ଅଂଶଗ୍ରହଣକାରୀଙ୍କ ମୂଲ୍ୟ ନିରୁପଣ |
| ପି.ଆର୍.ଆଇ (PRI) | - | ଅନୁଷ୍ଠାନ/ ପଞ୍ଚାୟତରାଜ |
| ଆର.ଏନ.ଜି.ଓ (RNGO) | - | ସାଧନ ଯୋଗାଣକାରୀ ବେସରକାରୀ ସଂଗଠନ |
| ଏସ୍.ଏଲ.ପି.ଏମ୍.ସି (SLPMC) | - | ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପରିଚାଳନା କମିଟି |
| ଏସ୍.ଏଚ୍.ଜି (SHG) | - | ସ୍ୱୟଂ ସହାୟକ ଗୋଷ୍ଠୀ |
| ଟି.ଓ.ଟି (T.O.T) | - | ତାଲିମ୍ ଦାତାଙ୍କ ପାଇଁ ତାଲିମ୍ |
| ୟୁ.ଜି(UG) | - | ବ୍ୟବହାରକାରୀ ଦଳ |
| ଭି.ଡ଼ି.ଏ (VDA) | - | ଗ୍ରାମ୍ୟ ଉନ୍ନୟନ ସଂଘ |
| ଭି.ଡ଼ି.ସି (VDC) | - | ଗ୍ରାମ୍ୟ ଉନ୍ନୟନ କମିଟି |
| ଭି.ଡ଼ି.ଏଫ (VDF) | - | ଗ୍ରାମ୍ୟ ଉନ୍ନୟନ ପାଣ୍ଠି |
| ଭି.ଡି.ଏଲ.ପି (VDLP) | - | ଗ୍ରାମ୍ୟ ଉନ୍ନୟନ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ |
| ଭି.ଏଲ୍.ଏସ୍.ସି (VLSC) | - | ଗ୍ରାମ୍ୟ ସ୍ତରୀୟ ସବ୍‌କମିଟି / ସହାୟକ କମିଟି |
| ଭି.ଏଲ୍.ଏସ୍.ଇ.ଏ.ଏସ୍.ସି (VLSEASC) | - | ଗ୍ରାମ୍ୟ ସ୍ତରୀୟ ସାମାଜିକ ଓ ଆର୍ଥିକ ସମୀକ୍ଷା ସବ୍‌କମିଟି |
| ଭି.ଏସ୍.ଏସ୍ (VSS) | - | ବନ୍ୟ ସଂରକ୍ଷଣ ସମିତି |
| ଭି.ଭି (VV) | - | ଗ୍ରାମ୍ୟ ସ୍ୱେଚ୍ଛାସେବୀ |
| ଡ଼ବ୍ଲ୍ୟୁ.ଡ଼ି.ଟି (WDT) | - | ଜଳବିଭାଜିକା ଉନ୍ନୟନ ଦଳ |
| ଡ଼ବ୍ଲ୍ୟୁ.ଏଫ.ପି (WFP) | - | ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ |
| ଏସ୍.ଏମ୍.ଏସ୍. (SMS) | - | ବିଷୟ ବିଶେଷଜ୍ଞ |



# ପ୍ରକଳ୍ପ ସାଂରାଂଶ



ବିଧିବଦ୍ଧ ଯୋଗାଯୋଗ ସ୍ଥାପନ ଯୋଜନା ଅଭାବରୁ ସ୍ୱାଧୀନତା ପ୍ରାପ୍ତିର ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ହେଁ, ଏପର୍ଯ୍ୟନ୍ତ ଓଡ଼ିଶାର ଆଦିବାସୀଙ୍କ ମଧ୍ୟରେ ଆଶାନୁରୂପ ପରିବର୍ତ୍ତନ ଆସିପାରିନାହିଁ। ଆମ ସମାଜରେ ଅବହେଳିତ ଓ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଆସିଥିବା ଏହି ବନବାସୀଙ୍କ ସାମାଜିକ ଓ ଆର୍ଥିକ ବିକାଶ ନିମିତ୍ତ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ, **ଓଡ଼ିଶାର ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ ପ୍ରକଳ୍ପ**(ଓଟିଇଏଲ୍‌ପି) କାର୍ଯ୍ୟକାରୀ କରାଯାଇଛି । ଏହି ପ୍ରକଳ୍ପକୁ ଯଥାଯଥ କ୍ରିୟାଭିମୁଖୀ କରିବା ହେଉଛି, ପ୍ରସ୍ତାବିତ "ଯୋଗାଯୋଗ ସ୍ଥାପନ ଯୋଜନା"ର ଉଦ୍ଦେଶ୍ୟ।

ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକଙ୍କ ସହ ଉତ୍ତମ ଯୋଗାଯୋଗ ସ୍ଥାପନ କରି ପ୍ରକଳ୍ପର ସୁଫଳ ସେମାନଙ୍କଠାରେ ପହଞ୍ଚାଇବା ଓ ସେମାନଙ୍କ ମଧ୍ୟରେ ବିକାଶ ପାଇଁ ସଚେତନତା ସୃଷ୍ଟିକରିବା ସହ ସେମାନଙ୍କ ଜୀବନଶୈଳୀର ମାନବୃଦ୍ଧି କରିବା ସକାଶେ ଏଥିରେ ଉଦ୍ୟମ କରାଯାଇଛି।

## "ଯୋଗାଯୋଗ ସ୍ଥାପନ ଯୋଜନା"ର ଆବଶ୍ୟକତା

ଯୋଗାଯୋଗ ସ୍ଥାପନ ଯୋଜନାର କୌଶଳ ନିର୍ଦ୍ଧାରଣ କେବଳ ପ୍ରକଳ୍ପ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଏ ନାହିଁ, ଏହା ମଧ୍ୟ ଲକ୍ଷ୍ୟ ସାଧନର ସମ୍ବଳ ଓ ମାଧ୍ୟମ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ । କାର୍ଯ୍ୟକ୍ରମର ସଫଳ ରୂପାୟନ ସକାଶେ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବା ସହ ଶିକ୍ଷା ଓ ସୂଚନା ପ୍ରଦାନ ଭଳି ମୌଳିକ ଆବଶ୍ୟକତା ପ୍ରତି ଏଥିରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ଓଟିଇଏଲ୍‌ପି କ୍ଷେତ୍ରରେ ଲୋକଙ୍କୁ ନିଜ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାପାଇଁ ନିଷ୍ପତ୍ତି ନେବାକୁ ପ୍ରେରଣା ଦେଇଥାଏ।

ପ୍ରକଳ୍ପର କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା- ଜଳବିଭାଜିକା ଓ 'ଜଳବିଭାଜିକା ଯୁକ୍ତ' କାର୍ଯ୍ୟପ୍ରତି ଗ୍ରାମବାସୀଙ୍କ ଆଭିମୁଖ୍ୟରେ ଓଟିଇଏଲ୍‌ପି ସକାରାତ୍ମକ ପରିବର୍ତ୍ତନ ଆଣିପାରିଛି। ଏବେ ଏହା ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରିଛି। ଏକ ସୁପରିକଳ୍ପିତ ଓ ସୁସଂଗଠିତ ଯୋଗାଯୋଗ ସ୍ଥାପନ ଯୋଜନା ଦ୍ୱାରା ପ୍ରକଳ୍ପର ଅଂଶୀଦାରମାନଙ୍କ ସହିତ ବ୍ୟକ୍ତିଗତ ତଥା ଗୋଷ୍ଠୀସ୍ତରରେ ସୁସମ୍ପର୍କ ରକ୍ଷା କରିବାର ଆବଶ୍ୟକତା ଦେଖାଦେଇଛି।

ଯୋଜନା ସଂପର୍କରେ ସୂଚନା ପ୍ରଦାନ ଓ ଯୋଜନାରେ ଭାଗିଦାରୀ ବଢ଼ାଇବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ସ୍ୱରୂପ, ଓଟିଇଏଲ୍‌ପି ପକ୍ଷରୁ ଏକ ୱେବ୍‌ସାଇଟ୍ ମଧ୍ୟ ପ୍ରସ୍ତୁତ କରାଯାଇଛି (www.otelp.org) ସେହିଭଳି ଯୋଗାଯୋଗ ରକ୍ଷାର ଅନ୍ୟାନ୍ୟ ସବୁ ଉପକରଣ ଓ ତାହାର ପ୍ରୟୋଗ ବିଧିର ବିକାଶ ହେବା ଦରକାର।

ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରୁ ମିଳିଥିବା ଅନୁଭୂତି ଓ ଯୋଗାଯୋଗ ସ୍ଥାପନରେ ଦେଖାଦେଉଥିବା ପ୍ରତିବନ୍ଧକଭଳି ସମସ୍ୟାର ସମାଧାନ ନିମନ୍ତେ ଏକ "ଯୋଗାଯୋଗ ସ୍ଥାପନ ଯୋଜନା"ର ଆବଶ୍ୟକତା ଦେଖାଦେଇଛି । ଏଥିରେ ଯୋଜନା ଭିତରର ତଥା ବାହାରର ଅଂଶୀଦାରମାନଙ୍କ ସହିତ ଯୋଗାଯୋଗ ସ୍ଥାପନର ସର୍ବୋତ୍ତମ ଉପାୟ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଛି ।



## ପ୍ରଧାନ ଲକ୍ଷ୍ୟ

ଯୋଗାଯୋଗ ସ୍ଥାପନର ଉଦ୍ୟମ ସ୍ୱରୂପ ଏବେ ଯେଉଁ ପଦକ୍ଷେପମାନ ନିଆଯାଇଛି ତାହାର ସମୀକ୍ଷା କରିବା ଏବଂ ଓଟିଇଏଲ୍‌ପି ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସକାଶେ ଏକ ସୁପରିକଳ୍ପିତ ଓ ସୁ-ସଂଗଠିତ ଯୋଗାଯୋଗ ସ୍ଥାପନ ଯୋଜନା କାର୍ଯ୍ୟକାରୀ କରିବା ଏହାର ପ୍ରଧାନ ଲକ୍ଷ୍ୟ। ପ୍ରଚଳିତ ଯୋଗାଯୋଗ ସ୍ଥାପନ ପ୍ରକ୍ରିୟାର ସମୀକ୍ଷା କରିବାକୁ ଓ ଭବିଷ୍ୟତରେ ସମ୍ପର୍କ ବୃଦ୍ଧି ପାଇଁ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତି କରିବାକୁ ମଧ୍ୟ ଏଥିରେ ସୁପାରିଶ କରାଯାଇଛି।

## କୌଶଳ ବିକାଶ ପ୍ରକ୍ରିୟା

ପ୍ରକଳ୍ପର ସମସ୍ତ ଦଲିଲ ଓ ନଥିପତ୍ରର ସମୀକ୍ଷା କରାଯାଇଛି ଓ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟର ମୂଲ୍ୟାଙ୍କନ କରାଯାଇଛି । ଉନ୍ନତ ଯୋଗାଯୋଗ ସ୍ଥାପନର ଆବଶ୍ୟକତା ସମ୍ପର୍କରେ ଭଲଭାବେ ଅନୁଧ୍ୟାନ କରି ଯୋଜନା କାର୍ଯ୍ୟକାରୀ କରିବାର କୌଶଳ ସମ୍ପର୍କରେ କେତେକ ସୁପାରିଶ୍ କରାଯାଇଛି ।

**ଯୋଗାଯୋଗ ସ୍ଥାପନ ଆବଶ୍ୟକତାର ଆକଳନରୁ ନିମ୍ନ ତଥ୍ୟମାନ ମିଳିଛି**

⌘ କାର୍ଯ୍ୟକ୍ରମ ରୂପାୟନ ଦଲିଲରେ ବିଭିନ୍ନ ଲୋକଙ୍କ ଦାୟିତ୍ୱ ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି । ବିଭିନ୍ନ ସ୍ତରରେ ଆବଶ୍ୟକତା ଅନୁସାରେ ସମୁଦାୟ କାର୍ଯ୍ୟକ୍ରମର ଅଗ୍ରଗତି ନିମନ୍ତେ ବିଶେଷ ଧ୍ୟାନଦେବାର ଆବଶ୍ୟକତା ରହିଛି ।

- ବିଭିନ୍ନ ମାଧ୍ୟମର ଉପଯୋଗ କରାହୋଇଛି, କିନ୍ତୁ ବ୍ୟବହାର ପୂର୍ବରୁ ସେସବୁର କ୍ଷେତ୍ର ପରୀକ୍ଷା କରାଯାଇନାହିଁ ।
- କାର୍ଯ୍ୟକ୍ରମ ଆଧାରରେ ଉପକରଣ ଗୁଡ଼ିକ ପ୍ରାମାଣିକ ହେବା ଦରକାର ।
- ପରିଚାଳନା ସୂଚନା ବ୍ୟବସ୍ଥା ଏବଂ ତଦାରଖ ଓ ମୂଲ୍ୟାୟନ ପଦ୍ଧତିର ପ୍ରୟୋଗ ହେବା ଆବଶ୍ୟକ । ସେଥିରୁ ଉପଲବ୍ଧ ଶିକ୍ଷା ସମ୍ପର୍କରେ ଯଥେଷ୍ଟ ଲିଖିତ ପ୍ରମାଣ ନାହିଁ । ଏହା ଭଲଭାବେ ଲିପିବଦ୍ଧ କରି ସମସ୍ତଙ୍କ ପାଖରେ ପ୍ରଚାର କରାଯିବା ଆବଶ୍ୟକ ।
- ଯୋଗାଯୋଗ ସ୍ଥାପନ କାର୍ଯ୍ୟକ୍ରମର ନେତୃତ୍ୱ ନେବା ଓ ତଥ୍ୟ ପରିଚାଳନା ସକାଶେ ଯଥେଷ୍ଟ ତାଲିମପ୍ରାପ୍ତ ମାନବ ସମ୍ବଳ ନାହିଁ ।
- ଗୋଷ୍ଠୀ ଭିତରେ କାର୍ଯ୍ୟକ୍ରମ ସମ୍ପର୍କରେ ଅନୁସନ୍ଧାନ ଓ ଲୋକମାନଙ୍କ ମତାମତ ଗ୍ରହଣ, ଯୋଗାଯୋଗ ସ୍ଥାପନ କାର୍ଯ୍ୟକ୍ରମର ଅଂଶବିଶେଷ ହେବା ଆବଶ୍ୟକ । କାରଣ ଏହାରି ଭିତ୍ତିରେ କାର୍ଯ୍ୟକ୍ରମକୁ ଆଗେଇନେବା ନିର୍ଭର କରୁଛି ।
- ସାଧନ ଯୋଗାଣକାରୀ ବେସରକାରୀ ସଂଗଠନ, କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ, ଗ୍ରାମର ସ୍ୱେଚ୍ଛାସେବୀ, ପ୍ରକଳ୍ପ କର୍ମଚାରୀ ଓ ଅନ୍ୟ ଅଂଶୀଦାର ଅନୁଷ୍ଠାନ ବା ସଂଗଠନଙ୍କ ଦକ୍ଷତା ବିକାଶ ପାଇଁ କାର୍ଯ୍ୟକ୍ରମ ଆବଶ୍ୟକ ।
- କାନ୍ଥଲେଖା ପ୍ରଚାର ଆଦିବାସୀଙ୍କୁ ସଚେତନ କରିପାରିନାହିଁ ।
- ଆଦିବାସୀଙ୍କ ସାଂସ୍କୃତିକ ଅଭ୍ୟାସ ଓ ସାମାଜିକ ସମ୍ପର୍କର ପ୍ରତୀକ ମଧ୍ୟରେ ବ୍ୟବଧାନ ଦେଖିବାକୁ ମିଳିଛି ।
- ପ୍ରାକୃତିକ ସମ୍ପଦ ସଂରକ୍ଷଣ ମାଧ୍ୟମରେ ଜୀବିକା ନିର୍ବାହର ଅର୍ଥ ଠିକ୍ ଭାବେ ବୁଝାପଡ଼ିନାହିଁ ।
- ଗ୍ରାମାଞ୍ଚଳ ଲୋକଙ୍କଠାରେ ପ୍ରକଳ୍ପ କର୍ମକର୍ତ୍ତାଙ୍କ ସୂଚନା ବିଶେଷ ଫଳପ୍ରଦ ହୋଇପାରିନାହିଁ ।
- ଏହି ଯୋଗାଯୋଗ ନୀତି ହେଉଛି ଏକ କାର୍ଯ୍ୟକାରୀ ଦଲିଲ । ଯେଉଁ ଲୋକେ ଏହି ପ୍ରକଳ୍ପରେ ସାମିଲ ଅଛନ୍ତି, ସେଠାକାର ପରିବେଶ ଓ ଯୋଗାଯୋଗ ବ୍ୟବସ୍ଥାକୁ ଆଧାର କରି ପ୍ରତି ଛଅମାସରେ କିମ୍ବା ବର୍ଷକ ପରେ ଏଥିରେ ପରିବର୍ତ୍ତନ କରାଯାଇପାରେ, ଯାହାଫଳରେ ମୂଳ ଲକ୍ଷ୍ୟରେ ଆମେ ପହଞ୍ଚିପାରିବା ।
- ଜଙ୍ଗଲ ଓ ଜଳ ସଂରକ୍ଷଣ ଗ୍ରାମବାସୀମାନଙ୍କ ଉନ୍ନତି ନିମନ୍ତେ ଯେ ପ୍ରଧାନ ଆବଶ୍ୟକତା, ଏହା ସେମାନଙ୍କୁ ଅତି ଭଲଭାବେ ବୁଝାଇ ଦେବାକୁ ପଡ଼ିବ ।
- ଗ୍ରାମ୍ୟ ଉନ୍ନୟନ କମିଟି, ଗ୍ରାମ୍ୟସ୍ତରୀୟ ସବ୍‌କମିଟି, ଗ୍ରାମ୍ୟସ୍ତରୀୟ ସାମାଜିକ ଓ ଆର୍ଥିକ ସମୀକ୍ଷା କମିଟି ଏବଂ ଜଙ୍ଗଲ ବିଭାଗ କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ଆବଶ୍ୟକ ।





## ଯୋଗାଯୋଗ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ କେତେକ ମୁଖ୍ୟ ସୁପାରିଶ୍

- ଗୋଷ୍ଠୀ ଅଂଶଗ୍ରହଣ ପ୍ରକ୍ରିୟାରେ ଯୁବକ, ମହିଳା ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ 'ସାମାଜିକ ପରିବର୍ତ୍ତନ' ସକାଶେ ତାଲିମ ବା ଟ୍ରେନିଂ ପାଇବା ଦରକାର । ଯାହାଫଳରେ ସେମାନେ ଅନ୍ୟମାନଙ୍କୁ ଠିକ୍‌ଭାବେ ପ୍ରଭାବିତ କରିପାରିବେ ।
- ଜୀବିକା ନିର୍ବାହ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନବୃଦ୍ଧି ଓ ସକାରାତ୍ମକ ମନୋଭାବ ପାଇଁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଦରକାର । ଏଥି ପୂର୍ବରୁ ପ୍ରଚାର ଉପକରଣ ଗୁଡ଼ିକର କ୍ଷେତ୍ର ଉପଯୋଗିତା ପରୀକ୍ଷା ବା field test କରିନେବା ଆବଶ୍ୟକ ।
- ଆଇ.ପି.ସି ଦକ୍ଷତା ବିକାଶ ବିଭିନ୍ନସ୍ତରରେ ମଜଭୁତ ହେବା ଉଚିତ୍ ।
- ଗୋଷ୍ଠୀ ଅନୁସନ୍ଧାନ ଓ ମତ ସଂଗ୍ରହ ପ୍ରକ୍ରିୟା ସୃଷ୍ଟି କରାଯିବା ଦରକାର । କାରଣ ପରିବର୍ତ୍ତନ ପ୍ରଣାଳୀ ଏହାର ଗ୍ରହଣୀୟତା ଏବଂ ଦୀର୍ଘ ସ୍ଥାୟୀତ୍ୱ ଉପରେ ସିଧାସଳଖ ନିର୍ଭର କରୁଛି ।
- ସ୍ୱେଚ୍ଛାସେବୀ, ପ୍ରକଳ୍ପ କର୍ମକର୍ତ୍ତା ଓ ଅନ୍ୟ ଯୋଗାଯୋଗ କାର୍ଯ୍ୟକ୍ରମର ଅଂଶୀଦାର ଓ ସଂଗଠନ ମାନଙ୍କର ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ ।
- ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିବରଣୀ ପ୍ରସ୍ତୁତ ଓ ପ୍ରଚାରହେବା ଆବଶ୍ୟକ ।
- ଗଣମାଧ୍ୟମରେ ଲୋକମାନଙ୍କର ଜୀବନ ଜୀବିକା ଓ ଦକ୍ଷତା ବୃଦ୍ଧି ଉପରେ ଥିବା ପ୍ରତିବନ୍ଧକ ଗୁଡିକର ସଠିକ୍ ଭାବେ ଉପସ୍ଥାପିତ ହେବା ଦରକାର ।




- ଶେଷ ପର୍ଯ୍ୟାୟର କାର୍ଯ୍ୟକ୍ରମ ପାଇଁ ଯୋଗାଯୋଗ ସ୍ଥାପନକାରୀ ଯୋଜନାର ବିକାଶ ଓ ପ୍ରସ୍ତୁତି ହେବା ଦରକାର ।
- କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ମୁଖ୍ୟ ଅଂଶ ସମ୍ପର୍କରେ ସୁଚିନ୍ତିତ ପ୍ରଚାର ପୁସ୍ତିକା ପ୍ରସ୍ତୁତ କରିବା ଆବଶ୍ୟକ ।
- ପରିଚାଳନା, ସୂଚନା ବ୍ୟବସ୍ଥା, ତଦାରଖ ଓ ମୂଲ୍ୟାଙ୍କନ ପଦ୍ଧତି ମଜଭୁତ୍ ହେବା ସଙ୍ଗେ ସଙ୍ଗେ ବିସ୍ତୃତ ଭାବରେ ପ୍ରସାର ହେବା ଦରକାର ।
- ପ୍ରକଳ୍ପ କାର୍ଯ୍ୟକାରୀ କରିବା ଓ ଲୋକଙ୍କ ସହ ଠିକ୍ ଭାବେ ଯୋଗାଯୋଗ କରିବା ସକାଶେ ଆବଶ୍ୟକ ମାନବ ସମ୍ବଳ ଯୋଗାଡ଼ ପ୍ରତି ଦୃଷ୍ଟି ଦେବା ଦରକାର ।

# ପୃଷ୍ଠଭୂମି

ଓଡ଼ିଶା ସରକାରଙ୍କ ତଫସିଲଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଆଦିବାସୀ ମାନଙ୍କ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଆସୁଅଛି । ଏଥିନିମନ୍ତେ ଇଂଲଣ୍ଡର ଆନ୍ତର୍ଜାତିକ ଉନ୍ନୟନ ବିଭାଗ (ଡ଼ିଏଫ୍ଆଇଡ଼ି) ମିଳିତ ଜାତିସଂଘର ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍ପି) ଓ ଆନ୍ତର୍ଜାତିକ କୃଷି ଉନ୍ନୟନ ପାଣ୍ଠି (ଆଇଏଫ୍ଏଡ଼ି) ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ।

ଏହି କାର୍ଯ୍ୟକ୍ରମ ଓଡ଼ିଶାର ୭ଟି ଜିଲ୍ଲାର ୩୦ଟି ବ୍ଲକରେ କାର୍ଯ୍ୟକାରୀ ହେବ । ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁଥିବା ଏହି ଜିଲ୍ଲାଗୁଡ଼ିକ ହେଉଛି କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଜପତି, ରାୟଗଡ଼ା, ନବରଙ୍ଗପୁର ଏବଂ ମାଲକାନଗିରି ।

ପ୍ରଥମ ଦଫାରେ ଅକ୍ଟୋବର ୨୦୦୪ ରୁ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ୪ଟି ଜିଲ୍ଲା ଯଥା- କୋରାପୁଟ, କନ୍ଧମାଳ, କଳାହାଣ୍ଡି ଓ ଗଜପତି ର ଆଦିବାସୀ ବହୁଳ ୧୦ଟି ବ୍ଲକ କୁ ଚିହ୍ନଟ କରାଯାଇଥିଲା। ଦ୍ୱିତୀୟ ଦଫା ଆରମ୍ଭ ହୋଇଛି ୨୦୦୮ ମସିହାରେ ଓ ଏଥିରେ ୭ ଗୋଟି ଜିଲ୍ଲାର ସମୁଦାୟ ୩୦ଟି ବ୍ଲକକୁ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି।




## କାର୍ଯ୍ୟକ୍ରମ ପ୍ରଣୟନ

ଓଡ଼ିଶା ସରକାରଙ୍କ ତଫସିଲଭୁକ୍ତ ଜାତି ଓ ଉପଜାତି ଉନ୍ନୟନ ବିଭାଗ କାର୍ଯ୍ୟକ୍ରମ ପ୍ରଣୟନରେ 'ନୋଡ଼ାଲ ଏଜେନ୍ସି' ଭାବେ ରହିଛନ୍ତି । ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହଯୋଗ କେନ୍ଦ୍ର (PSU) ରହିଛି । ଜିଲ୍ଲା ଓ ବ୍ଲକ ସ୍ତରରେ ସମନ୍ୱିତ ଆଦିବାସୀ ଉନ୍ନୟନ କର୍ତ୍ତୃପକ୍ଷ(ଆଇଟିଡ଼ିଏ) ଏକ କ୍ଷେତ୍ରୀୟ ବେସରକାରୀ ସଂଗଠନମାନଙ୍କର ସହଯୋଗରେ ବିଭାଗୀୟ ଅଧିକାରୀମାନଙ୍କ ଜରିଆରେ କାର୍ଯ୍ୟ ସଂପାଦନ କରୁଛନ୍ତି । ଗ୍ରାମାଞ୍ଚଳରେ ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ କ୍ଷେତ୍ରୀୟ ବେସରକାରୀ ସଂଗଠନମାନଙ୍କ ଦ୍ୱାରା ଆବଶ୍ୟକ ପ୍ରେରଣା ଓ ତାଲିମ୍ ପ୍ରଦାନ ସହ ଗ୍ରାମ୍ୟ ଉନ୍ନୟନ କମିଟି ଓ ଗ୍ରାମ୍ୟ ସବ୍ କମିଟି ଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି ।

ସାତଟି ଜିଲ୍ଲାର ମୋଟ ୩୦ଟି ବ୍ଲକର ଗ୍ରାମାଞ୍ଚଳରେ ପ୍ରାୟ ୩ ଲକ୍ଷ ୯୦ହଜାର ପରିବାରର ମୋଟ ୧୪ ଲକ୍ଷ ଲୋକ ଏହାଦ୍ୱାରା ଉପକୃତ ହେଉଛନ୍ତି । ସମୁଦାୟ ଲୋକ ସଂଖ୍ୟାର ୬୧ ପ୍ରତିଶତ ଆଦିବାସୀ ଓ ୧୨ ପ୍ରତିଶତ ତଫସିଲଭୁକ୍ତ ଜାତିର ଲୋକ ଏଥିରେ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲକରିବାର ଆଭିମୁଖ୍ୟ ନେଇ ପ୍ରକଳ୍ପ ଅଞ୍ଚଳର ସମସ୍ତ ପରିବାରକୁ ସୁଯୋଗ ଦିଆଯାଇଛି । ଏକ ଜଳବିଭାଜିକା ପ୍ରକଳ୍ପ ନିର୍ମାଣପାଇଁ ଏଥିରେ ଅନ୍ୟୁନ ୬୦ ପ୍ରତିଶତ ତଫସିଲଭୁକ୍ତ ଜାତି / ଉପଜାତିର ଲୋକ ଉପକୃତ ହେବା ଆବଶ୍ୟକ । ତେଣୁ,ଏହି କାର୍ଯ୍ୟକ୍ରମରେ ସମାଜର ଅବହେଳିତ ବର୍ଗର ଲୋକ, ମହିଳା, ଶିଶୁ, ବେକାର ଅର୍ଦ୍ଧବେକାର ଯୁବକ/ଯୁବତୀ, ଆଦିମ ବନବାସୀ ଲୋକ, ପାହାଡ଼ି କୃଷକ, ଭୂମିହୀନ ଓ ନାମମାତ୍ର ଚାଷୀ ଏବଂ ତଫସିଲଭୁକ୍ତ ଜାତିର ଲୋକଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ।



**କାର୍ଯ୍ୟକ୍ରମର ୬ଗୋଟି ବିଭାଗ :**

- ଅବହେଳିତଲୋକଙ୍କ ସଶକ୍ତିକରଣ ସକାଶେ ଦକ୍ଷତା ବୃଦ୍ଧି
- ଜୀବିକା ନିର୍ବାହ ଲାଗି ସୁଯୋଗ ବୃଦ୍ଧି
- ଉପଯୁକ୍ତ ନୀତି ନିର୍ଦ୍ଧାରଣ
- ଉନ୍ନୟନ କାର୍ଯ୍ୟ ସକାଶେ ଗ୍ରାମ୍ୟ ସ୍ତରରେ ପାଣ୍ଠି ସଂଗ୍ରହ
- କାର୍ଯ୍ୟକ୍ରମ ପରିଚାଳନା
- ଖାଦ୍ୟସାମଗ୍ରୀର ସଦ୍‌ଉପଯୋଗ

### କାର୍ଯ୍ୟକ୍ରମର ନୀତି:

ମୋଟ ଉପରେ କାର୍ଯ୍ୟକ୍ରମଟି ମୁଖ୍ୟତଃ ଆଦିବାସୀଙ୍କ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ । ସେମାନଙ୍କର ଖାଦ୍ୟ ନିରାପତ୍ତା ବୃଦ୍ଧିପାଇଁ ସାମର୍ଥ୍ୟ, ରୋଜଗାର ବୃଦ୍ଧି ଏବଂ ଅଧିକ ଦକ୍ଷତାର ସହ ପ୍ରାକୃତିକ ସମ୍ବଳର ଉପଯୋଗକରି ଜୀବନଶୈଳୀର ମାନବୃଦ୍ଧି କରିବା ବିଷୟ ଉପରେ ଏହା ପର୍ଯ୍ୟବେସିତ । ଉନ୍ନତମାନର ଜଳବିଭାଜିକାର ପରିଚାଳନା, ପରିବେଶ ଅନୁକୂଳ କୃଷି ଓ ଅଣକୃଷିକାର୍ଯ୍ୟର ଉନ୍ନତି ମାଧ୍ୟମରେ ଆଦିବାସୀଙ୍କ ବିକାଶ ସୁନିଶ୍ଚିତଭାବେ କରାଯିବାର ଲକ୍ଷ୍ୟରଖାଯାଇଛି ।

ଏହିସବୁ ବିକାଶ ଜଳବିଭାଜିକାର ଉନ୍ନତ ପରିଚାଳନା, ପରିବେଶ ଅନୁକୂଳ କୃଷି ପଦ୍ଧତି ଓ ଅଣକୃଷି ବ୍ୟବସାୟୀକ ସଂସ୍ଥାର ଉନ୍ନତି ଉପରେ ନିର୍ଭର କରୁଛି ।

ଲୋକେ ଜଳବିଭାଜିକା ପ୍ରକଳ୍ପରେ ଯେପରି ନିଜକୁ ଭାଗୀଦାର ମନେ କରିବେ, ସମସ୍ତେ ମିଳିମିଶି ସଂଗଠନ ଗଢ଼ି କାର୍ଯ୍ୟକ୍ରମକୁ ଆଗେଇନେବେ, ନିଜର ଆତ୍ମବିଶ୍ୱାସ ଦୃଢ଼ କରିବେ, ଦେଶୀୟ ଜ୍ଞାନ କୌଶଳକୁ ମଧ୍ୟ ଉପଯୋଗ କରିବେ ଏବଂ ସାମାଜିକ ମୂଲ୍ୟବୋଧ ପ୍ରତି ସଚେତନ ରହିବେ – ଏହି କେତୋଟି କଥା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି ।

ଏହି କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ପୂର୍ବପ୍ରଚଳିତ କଠୋର ନିୟମାବଳୀ ପ୍ରୟୋଗ ନକରି, କାର୍ଯ୍ୟକ୍ରମକୁ ଆଗେଇ ନେବାବେଳେ ଯେଉଁ ଅନୁଭୂତି ଲାଭ କରାଯିବ, ସେଗୁଡିକର ଭିତ୍ତିରେ କୋହଳ ନିୟମ କାନୁନ, କାର୍ଯ୍ୟକ୍ରମର ଆଗପଛ କ୍ରମ ଓ ସମୟସୀମା ସ୍ଥିର କରାଯିବ । ଗୋଟିଏ ସମାଜ ବା ଗୋଷ୍ଠୀର ଲୋକେ ନିଜ ନିଜ ଭିତରେ ଆଲୋଚନା କରି ଓ ମତ ବିନିମୟ କରି କାର୍ଯ୍ୟକ୍ରମ ସ୍ଥିର କରିପାରିବେ । କାର୍ଯ୍ୟକ୍ରମଟି 'ଜଳବିଭାଜିକା ଯୁକ୍ତ' ନୀତି ଗ୍ରହଣ କରିଛି, ଯେଉଁଥିରେ ଜଳବିଭାଜିକା ମାଧ୍ୟମରେ ପ୍ରାକୃତିକ ସମ୍ପଦର ସୁପରିଚାଳନା କରାଯାଇପାରିବ । ଏଥି ସଂଗେ ସଂଗେ ଜୀବିକା ନିର୍ବାହ ନିମନ୍ତେ ସଞ୍ଚୟ ଓ ଋଣ, ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା, କୃଷି/ଅଣକୃଷି କାର୍ଯ୍ୟ, ଓ ଅଣକାଷ୍ଠ ଜଙ୍ଗଲ ସାମଗ୍ରୀ, ସବୁ ସାମୂହିକ ଭିତ୍ତିଭୂମି ଭଳି ଲୋକଙ୍କର ବୃହତ୍ତର ତଥା ଦୀର୍ଘସ୍ଥାୟୀ ସ୍ୱାର୍ଥ ସାଧନ କରିବାରେ ଜଳବିଭାଜିକା ପ୍ରକଳ୍ପ ମୁଖ୍ୟ ଭୂମିକା ତୁଲାଇବ ।





# ଜୀବିକା ନିର୍ବାହ ପ୍ରକଳ୍ପ ପାଇଁ ଉତ୍ତମ ଯୋଗାଯୋଗ ସ୍ଥାପନରେ ପ୍ରତିବନ୍ଧକ ଓ ସମସ୍ୟା

## ପ୍ରକଳ୍ପର ଆକଳନ(ପ୍ରଥମ ପର୍ଯ୍ୟାୟ):

ପ୍ରକଳ୍ପ କାର୍ଯ୍ୟ ତରବରିଆଭାବେ ଆରମ୍ଭ କରାଯାଇଥିଲା, ବା ଏହା ଯୋଗୁ ଅତ୍ୟନ୍ତ ସମସ୍ୟାବହୁଳ ହୋଇଥିଲେ ମଧ୍ୟ କିଛି ସଫଳତା ଲାଭ କରିବାରେ ସକ୍ଷମ ହୋଇପାରିଛି । ପ୍ରାରମ୍ଭରେ ଏକ ଆଦର୍ଶ ଜଳବିଭାଜିକା ପରିଚାଳନା ପ୍ରକଳ୍ପ ଭାବେ ଏହା କାର୍ଯ୍ୟାଆରମ୍ଭ କରି :

- ମୂଳ ପ୍ରକଳ୍ପର ଲକ୍ଷ୍ୟ ପୂରଣ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟକ୍ରମ ଚିହ୍ନଟ କରିବାରେ ସଫଳ ହୋଇପାରିଛି,
- ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ କେତେକ ଉତ୍ତମ କ୍ଷେତ୍ରୀୟ ବା ଆଞ୍ଚଳିକ ବେସରକାରୀ ସଂଗଠନକୁ ସଫଳତାର ସହିତ ଚୟନ କରିପାରିଛି,
- ଏହା ମଧ୍ୟ କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସରକାରଙ୍କ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଉତ୍ତମ କାର୍ଯ୍ୟକାରୀ ସମ୍ପର୍କ ସ୍ଥାପନ କରିବାରେ ବେଶ୍ ପ୍ରଶଂସନୀୟ କାର୍ଯ୍ୟ କରିପାରିଛି ।

ଯଦିଓ ଆନ୍ତର୍ଜାତିକ କୃଷି ଉନ୍ନୟନ ପାଣ୍ଠି (ଆଇଏଫ୍ଏଡ଼ି) ପ୍ରଥମେ ଏସବୁ କାର୍ଯ୍ୟରେ ବିଶେଷ ଆଗ୍ରହ ପ୍ରକାଶ କରିନଥିଲା, ତଥାପି ପ୍ରଥମ ପର୍ଯ୍ୟାୟରେ ପ୍ରକଳ୍ପ ସହାୟକ କେନ୍ଦ୍ର(ପିଏସୟୁ) ଉକ୍ତ ସଂସ୍ଥାର ଆଭିମୁଖ୍ୟ ଓ ସେହି ଲକ୍ଷ୍ୟ ହାସଲ ପାଇଁ ଯେଭଳି ସୂଚନା ଓ ତାଲିମପ୍ରଦାନ କାର୍ଯ୍ୟକ୍ରମ ସବୁ କରିପାରିଛି ସେଥିରେ ଆଇ.ଏଫ୍.ଡି. ବେଶ୍ ଉତ୍ସାହିତ ହୋଇଥିବା ଜଣାଯାଇଛି ।

## ଯୋଗାଯୋଗ ବ୍ୟବସ୍ଥାର ଆକଳନ

ପ୍ରାଥମିକ ଆକଳନ ଓ ଅନୁଭୂତିରୁ ଜଣାଯାଏ ଯେ, ଯୋଗାଯୋଗ ରକ୍ଷା ସକାଶେ ପ୍ରକଳ୍ପ ପକ୍ଷରୁ ଉଦ୍ୟମ ଜାରି ରହିଥିଲେ ମଧ୍ୟ ଗ୍ରାମବାସୀମାନେ ସେମାନଙ୍କ ସୂଚନା ଆବଶ୍ୟକତା ପୂରଣ ପାଇଁ ମୁଖ୍ୟତଃ ନିଜ ନିଜ ଭିତରେ ଆଲୋଚନା ଉପରେ ନିର୍ଭର କରିଥାନ୍ତି । କାରଣ ଏକ ଗ୍ରାମୀଣ ପରିବେଶରେ ଲୋକମାନେ ପରସ୍ପରସହ କଥାବାର୍ତ୍ତା ମାଧ୍ୟମରେ ସହଜରେ ସୂଚନା ସଂଗ୍ରହ କରିଥାନ୍ତି । ରେଡ଼ିଓ, ଟେଲିଭିଜନ ଓ ଲୋକଙ୍କ ମଧ୍ୟରେ ପାରସ୍ପରିକ କଥାବାର୍ତ୍ତା ହିଁ ଗ୍ରାମାଞ୍ଚଳ ଲୋକଙ୍କ ସୂଚନାଲାଭର ସହଜ ମାଧ୍ୟମ ।

ତେବେ, ଲିଖିତ/ମୁଦ୍ରିତ ସାମଗ୍ରୀ ଯଥା – ଖବରକାଗଜ ଦ୍ୱାରା ସୂଚନାଲାଭର ସମ୍ଭାବନା ବହୁତ କମ୍ ଦେଖିବାକୁ ମିଳେ, କାରଣ ଗ୍ରାମାଞ୍ଚଳରେ ଲୋକଙ୍କ ସାକ୍ଷରତା ହାର ବହୁତ କମ୍ ଓ ଲିଖିତ କଥା ପ୍ରତି ସେମାନଙ୍କର ଭୟ ଥାଏ । ରଙ୍ଗୀନ ଚିତ୍ରାବଳୀ, ପୋଷ୍ଟର, ବ୍ୟାନର ଆଦିରେ ସୂଚନା ପ୍ରଦାନର ସୁଯୋଗ ରହିଥିଲେ ମଧ୍ୟ ଦୀର୍ଘଦିନ ସାଇତି ରଖିପାରୁଥିବା ପଦ୍ଧତିରେ ପ୍ରସ୍ତୁତିର ଅଭାବ ଓ କଠୋର ଜଳବାୟୁ ଏ କ୍ଷେତ୍ରରେ ସମସ୍ୟା ସୃଷ୍ଟିକରୁଛି । ଏଥିପାଇଁ, ବିଭିନ୍ନ ଚିତ୍ରିତ ସୂଚନା ସାମଗ୍ରୀ, ଲିଖିତ ପ୍ରଚାର ପତ୍ର ଓ କ୍ଷୁଦ୍ର ପୁସ୍ତିକା ବ୍ୟବହାର କରାଯାଇପାରେ ।

ଗ୍ରାମାଞ୍ଚଳ ଲୋକମାନଙ୍କ ମଧ୍ୟରେ ସୂଚନାର ଆଦାନ ପ୍ରଦାନ ପାଇଁ ବହୁବିଧସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକରଣ ବ୍ୟବହାର କରି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଉତ୍ସାହ ପ୍ରଦାନ କରାଯିବାର ଉପାୟ ରହିଛି । ଏସବୁ ଉପକରଣଗୁଡ଼ିକ ମୁଖ୍ୟତଃ କ୍ଷେତ୍ରୀୟ ବେସରକାରୀ ସଂଗଠନ ସେମାନଙ୍କର ପ୍ରକଳ୍ପଗୁଡ଼ିକର କାର୍ଯ୍ୟକ୍ରମ ବିଷୟ ଅନ୍ୟତ୍ର ପ୍ରଦର୍ଶନ ପାଇଁ ବ୍ୟବହାର କରିଥାନ୍ତି । ତେଣୁ ଦେଖାଯାଇଛି ଯେ, କେବଳ ଯୋଗାଯୋଗର ସେତୁ ବାନ୍ଧିଦେଲେ ଗ୍ରାମବାସୀମାନେ ଆପଣାଛାଏଁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ନାହିଁ, ବରଂ ଏଥିପାଇଁ ଯୋଗାଯୋଗ ରକ୍ଷାକାରୀ ତଥା ବିଶ୍ୱାସଯୋଗ୍ୟ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ । ଲୋକମାନଙ୍କୁ ଅଂଶଗ୍ରହଣର ସୁଯୋଗ ଦେବା ଦିଗରେ ସମ୍ପର୍କ ରକ୍ଷାକାରୀଙ୍କ ପ୍ରୟାସ ଜାରି କରିବା ଆବଶ୍ୟକ ।

## ଯୋଗାଯୋଗରେ ବ୍ୟବଧାନ ଓ ସମସ୍ୟା

ପ୍ରକଳ୍ପ କାର୍ଯ୍ୟକ୍ରମର ପ୍ରାଥମିକ ସମୀକ୍ଷାରୁ ଜଣାଯାଇଛି ଯେ ଜୀବିକାନିର୍ବାହ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କଠାରେ ସଚେତନତାର ଅଭାବ ଓ ଭ୍ରାନ୍ତଧାରଣା ରହିଛି । ସେହିଭଳି କାର୍ଯ୍ୟକ୍ରମ ସଂପର୍କିତ କୌଣସି ସୂଚନା ଓ ଶିକ୍ଷାଦାନ ସାମଗ୍ରୀ ବିଭିନ୍ନ ବର୍ଗର ଗ୍ରାମବାସୀଙ୍କ ଲାଗି ତିଆରି କରାଯାଇନାହିଁ କି ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଶେଷ ତାଲିମ ଉପକରଣ ପ୍ରସ୍ତୁତ କରାଯାଇନାହିଁ ।

କ୍ଷେତ୍ରୀୟ ବେସରକାରୀ ସଂଗଠନଗୁଡ଼ିକ ବିଭିନ୍ନ କାର୍ଯ୍ୟକ୍ରମର ସଂପାଦନ ପାଇଁ ଦାୟିତ୍ୱ ନେଇଥିଲେ ମଧ୍ୟ ସେମାନଙ୍କଠାରେ ଦକ୍ଷତା ଓ ଜ୍ଞାନର ଅଭାବ ପରିଲକ୍ଷିତ ହୋଇଛି । କାର୍ଯ୍ୟକ୍ରମରେ ପ୍ରାଥମିକତା ପାଇଥିବା ଗ୍ରାମବାସୀମାନେ ସେମାନଙ୍କ ପାରମ୍ପରିକ ଜୀବନଶୈଳୀ ବିତାଉଛନ୍ତି । ସେମାନଙ୍କଠାରେ ଆଧୁନିକ ଚିନ୍ତାଧାରା ତଥା ଯନ୍ତ୍ରପାତି ବ୍ୟବହାର କରି ଅଧିକ କାର୍ଯ୍ୟ ସହଜରେ କରିପାରିବାର ଜ୍ଞାନ ଏବେବି ପହଞ୍ଚି ପାରିନାହିଁ । ଜୀବିକା ନିର୍ବାହ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟରେ ନୂତନ ଯନ୍ତ୍ରପାତି ଆଦିର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇ ଆସିଛି । ଜଳବିଭାଜିକା ପ୍ରକଳ୍ପର ବୈଷୟିକ ଦିଗ ଉପରେ ଯେପରି ଗୁରୁତ୍ୱ ଦିଆଯାଇଛି, ସେହିପରି ଏହାକୁ ଆଦିବାସୀଙ୍କ ସଶକ୍ତିକରଣର ମାଧ୍ୟମଭାବେ ବ୍ୟବହାର କରାଯାଇଛି ।

ଗଣମାଧ୍ୟମର ସମୀକ୍ଷାରୁ ଜଣାଯାଏ ଯେ ପ୍ରକଳ୍ପର ମହତ୍ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମକୁ ଆବଶ୍ୟକ ସୂଚନା ଦିଆଯାଇନାହିଁ । ଯାହାଫଳରେ ଆଦିବାସୀଙ୍କ ଜୀବିକାନିର୍ବାହ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ଠିକ୍ ଭାବେ ହୋଇ ପାରିନାହିଁ ।

## ଅନୁଧ୍ୟାନରୁ ମିଳିଥିବା ତଥ୍ୟ

ପ୍ରକଳ୍ପ କାର୍ଯ୍ୟକ୍ରମ ସମ୍ପର୍କରେ କ୍ଷେତ୍ରୀୟ ସ୍ତରରେ କରାଯାଇଥିବା ଅନୁଧ୍ୟାନରୁ ନିମ୍ନଲିଖିତ ତଥ୍ୟମାନ ସମ୍ମୁଖକୁ ଆସିଛି –

- ଯଥେଷ୍ଟ ସଦିଚ୍ଛା ଓ ବହୁ ଉଦ୍ୟମ ସତ୍ତ୍ୱେ ପ୍ରକଳ୍ପର କାର୍ଯ୍ୟକ୍ରମ ସଂପର୍କରେ ହିତାଧିକାରୀମାନେ ସମ୍ପୂର୍ଣ୍ଣ ସଚେତନ ନୁହଁନ୍ତି । କାନ୍ଥରେ ଲେଖି ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ନିରର୍ଥକ ହୋଇଛି । ଗାଁର ନିରକ୍ଷର ଲୋକେ ସେସବୁ ବୁଝିପାରିନାହାନ୍ତି ।
- ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ (ଓଟିଇଏଲ୍‌ପି) ସମ୍ପର୍କିତ ସୂଚନା ଦେବା ପାଇଁ ହିତାଧିକାରୀଙ୍କ ସହ ଉତ୍ତମ ସାମାଜିକ ସଂପର୍କ ସ୍ଥାପନ କରିବା ଓ ଏଥି ସକାଶେ ଆଦିବାସୀଙ୍କ ସାଂସ୍କୃତିକ ପ୍ରଥା ଓ ଚଳଣୀକୁ ଧୀରେ ଧୀରେ ପ୍ରଭାବିତ କରିବା ଆବଶ୍ୟକ । କିନ୍ତୁ କାର୍ଯ୍ୟତଃ ଏହା ହୋଇନାହିଁ ।
- କ୍ଷେତ୍ରୀୟ ବେସରକାରୀ ସଂଗଠନ ଗୁଡ଼ିକ ଗ୍ରାମବାସୀଙ୍କୁ କିଛିମାତ୍ରାରେ ପ୍ରଭାବିତ କରିବା ଓ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନକରିବାରେ ସଫଳ ଭୂମିକା ନେଇପାରିଛନ୍ତି । କିନ୍ତୁ ପ୍ରାକୃତିକ ସଂପଦର ସଂରକ୍ଷଣ କରି ଜୀବିକା ନିର୍ବାହ କରିବାର ଆବଶ୍ୟକତା ଅନୁଭବ କରିବାପାଇଁ ଲୋକଙ୍କ ଉପରେ ସେଭଳି ବଡ଼ ଧରଣର ପ୍ରଭାବ ପକାଇ ପାରିନାହାନ୍ତି ।
- ଆଦିବାସୀମାନେ ସଶକ୍ତିକରଣ ଓ ସାମର୍ଥ୍ୟ ବୃଦ୍ଧିର ଆବଶ୍ୟକତା ବିଷୟକୁ ଅଧିକ ଭଲଭାବେ ଅନୁଭବ କରିବାର ଆବଶ୍ୟକତା ରହିଛି । ଏସବୁ କେବଳ ଦକ୍ଷତା ସୃଷ୍ଟି ପାଇଁ ତାଲିମ ଦେଇଦେଲେ ହେବ ନାହିଁ ।
- ‘ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ’ ଅନୁଯାୟୀ ସାଧାରଣ ଲକ୍ଷ୍ୟସ୍ଥିର କରିବାରେ ଗାଁର ଆଦିବାସୀ ମୁଖିଆ ଏବଂ ନିର୍ବାଚିତ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରତିନିଧିଙ୍କ ମଧ୍ୟରେ ତାଳମେଳର ବ୍ୟବଧାନ ପ୍ରତିବନ୍ଧକ ସାଜିଛି ।
- ଜଙ୍ଗଲ ଓ ଜଳ ସଂରକ୍ଷଣର ପ୍ରାଥମିକ ଆବଶ୍ୟକତା ବିଷୟରେ ଲୋକମାନଙ୍କୁ ଠିକ୍‌ରୂପେ ବୁଝାଯାଇପାରିନାହିଁ । କ୍ଷେତ୍ରୀୟ ବେସରକାରୀ ସଂଗଠନ ଗୁଡ଼ିକ ମୁଖ୍ୟତଃ ସ୍ୱୟଂ ସହାୟକ ଗୋଷ୍ଠୀ ବନାଇବା ଓ ସେସବୁର ପରିଚାଳନା କରିବା କାର୍ଯ୍ୟରେ ତତ୍ପରତା ଦେଖାଇଛନ୍ତି ।
- ଗ୍ରାମ୍ୟ ଉନ୍ନୟନ କମିଟି,ଗ୍ରାମ୍ୟ ସବ୍‌କମିଟି ଓ ଗ୍ରାମ୍ୟସ୍ତରୀୟ ସାମାଜିକ ଓ ଆର୍ଥିକ ସମୀକ୍ଷା କମିଟି ଗୁଡ଼ିକ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଯଥେଷ୍ଟ ସଚେତନ ନଥିବା ଜଣାଯାଏ । ସେହିଭଳି ସ୍ଥାନୀୟ ଜଙ୍ଗଲ ବିଭାଗର ଅଧିକାରୀଗଣ ଗ୍ରାମ୍ୟ ଉନ୍ନୟନ କମିଟି ଓ ପ୍ରକଳ୍ପ ଗ୍ରାମର ବନ୍ୟ ସୁରକ୍ଷା ସମିତିର ଭୂମିକା ସଂପର୍କରେ ଅଜ୍ଞଥିବା ଜଣାଯାଏ ।



**ଉପରୋକ୍ତ ଅନୁଧ୍ୟାନ ଓ ସମୀକ୍ଷାରୁ ଜଣାଯାଇଛି ଯେ; ଯୋଗାଯୋଗ ସ୍ଥାପନ ପାଇଁ ଯେଉଁ ଯୋଜନାମାନ କାର୍ଯ୍ୟକାରୀ ହୋଇଛି ସେଥିରୁ ଆଶାନୁରୂପ ଫଳ ମିଳିପାରିନାହିଁ । ତେଣୁ ଉକ୍ତ ଯୋଗାଯୋଗ ଯୋଜନାକୁ ପୁଣିଥରେ ସୁଧାରି ପ୍ରକଳ୍ପର ମହତଲକ୍ଷ୍ୟ ପୂରଣ ସକାଶେ ଅଧିକ ପ୍ରଭାବଶାଳୀ କରିବାକୁ ହେବ । ଏଥିସହିତ ଯୋଗାଯୋଗ ସ୍ଥାପନରେ ଯେଉଁ ବ୍ୟବଧାନ ଓ ସମସ୍ୟା ରହିଛି ସେସବୁ ଦୂରକରିବାକୁ ଆବଶ୍ୟକ ଧ୍ୟାନଦେବା ଉଚିତ୍ । ପ୍ରକୃତ ଅର୍ଥରେ ଯୋଗାଯୋଗ ସ୍ଥାପନ ନିମନ୍ତେ ଜଣେ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ଗୋଟିଏ ଗୋଷ୍ଠୀକୁ ପୃଥକ୍ ଭାବେ ଦାୟିତ୍ୱ ଦିଆଯିବାକୁ ସୁପାରିଶ୍ କରାଯାଉଛି ।**

## ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଲାଗି ସୁପାରିଶ

‘ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକାନିର୍ବାହ କାର୍ଯ୍ୟକ୍ରମ’ ପାଇଁ ଗୋଷ୍ଠୀ ସଶକ୍ତିକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ତେଣୁ କାର୍ଯ୍ୟକ୍ରମରେ ସର୍ବୋଚ୍ଚ ପ୍ରାଧାନ୍ୟ ପାଇ ଆସିଥିବା ଏହି ଲକ୍ଷ୍ୟ ହାସଲ ସକାଶେ ଅଧିକା ଧ୍ୟାନ ଦେବା ଦରକାର ।



# କୌଶଳପୂର୍ଣ୍ଣ ଯୋଗାଯୋଗ ସ୍ଥାପନ ଯୋଜନାର ଆବଶ୍ୟକତା

ଲୋକଙ୍କ ସେବାରେ ଲାଗୁଥିବା ଗୋଟିଏ ପ୍ରକଳ୍ପର ସମ୍ପର୍କରେ ଜନସାଧାରଣଙ୍କୁ ଭଲଭାବେ ଧାରଣା ଦେବା ପାଇଁ ବିଭିନ୍ନ ସାମଗ୍ରୀ ଓ ମାଧମର ପ୍ରୟୋଗ କରାଯାଇଥାଏ । କିନ୍ତୁ ଏହାର ଉପଯୁକ୍ତ କୌଶଳ ସହ ପ୍ରୟୋଗ ନକଲେ ଲୋକେ ପ୍ରକଳ୍ପର ଅସଲ ଉଦ୍ଦେଶ୍ୟ ବୁଝିପାରନ୍ତି ନାହିଁ କି ପ୍ରକଳ୍ପମଧ ସଫଳ ହୁଏ ନାହିଁ । ଓଡିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଭଳି ଜନହିତକର ଯୋଜନାରେ ଗ୍ରାମବାସୀଙ୍କୁ ବ୍ୟକ୍ତିଗତ ଭାବେ ଓ ଗୋଷ୍ଠୀଗତ ଭାବେ ସହଭାଗୀ କରାଇବା, ସେମାନଙ୍କୁ ଏକଜୁଟ କରି ସାମୁହିକ କଲ୍ୟାଣ ନିମନ୍ତେ ପ୍ରବର୍ତ୍ତାଇବା ଓ ନିଷ୍ପତ୍ତି ନିର୍ଦ୍ଧାରଣରେ ସାହାଯ୍ୟ କରିବା ପାଇଁ **କୌଶଳ ପୂର୍ଣ୍ଣ ଯୋଗାଯୋଗ ବ୍ୟବସ୍ଥା** ନିତାନ୍ତ ଆବଶ୍ୟକ ।

ଯୋଗାଯୋଗ ସତଃସ୍ଫୁର୍ତ୍ତ ଭାବେ ସ୍ଥାପନ ହୋଇପାରେ ନାହିଁ । ଏହାକୁ ଯୋଜନାବଦ୍ଧ ଭାବେ ବିକଶିତକରି ଗଢି ତୋଳିବାକୁ ହୁଏ । ତେଣୁ ଏ କ୍ଷେତ୍ରରେ ପ୍ରଥମ ପଦକ୍ଷେପ ସ୍ୱରୂପ ଏକ **ସୁଚିନ୍ତିତ ତଥା ପ୍ରଭାବଶାଳୀ ସମ୍ପର୍କ ଯୋଗାଯୋଗ ସ୍ଥାପନର କୌଶଳ** ନିର୍ଦ୍ଧାରଣ କରିବା ବିଶେଷଭାବେ ଗୁରୁତ୍ୱପୂର୍ଣ୍ଣ ।

ପ୍ରକଳ୍ପର କେତେକ ବିଷୟରେ ଗ୍ରାମବାସୀଙ୍କ ମନରେ ଅନୁକୂଳ ଆଗ୍ରହ ସୃଷ୍ଟିକରିବାରେ ଓଟିଇଏଲ୍‌ପି ପ୍ରଶଂସନୀୟ କାର୍ଯ୍ୟ କରିଛି, ବିଶେଷତଃ ଜଳବିଭାଜିକା ଓ ଜଳବିଭାଜିକାଯୁକ୍ତ କାର୍ଯ୍ୟକ୍ରମରେ । ଏହି ସଫଳତା ଓ ଅନୁଭୂତିକୁ ଆଧାରକରି ଓଟିଇଏଲ୍‌ପି ଏବେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରିଛି । ତେଣୁ ପ୍ରକଳ୍ପ ଅଂଶୀଦାରଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ସ୍ଥାପନ କରି କାର୍ଯ୍ୟକ୍ରମର ସ୍ଥିରୀକୃତ/ ନିର୍ଦ୍ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଏକାନ୍ତ ଜରୁରୀ ହୋଇପଡିଛି । ଏଥିପାଇଁ ସୁଚିନ୍ତିତ ତଥା ସୁପରିକଳ୍ପିତ ରଣନୀତି ପ୍ରସ୍ତୁତ କରିବାକୁ ପଡିବ ।

ପ୍ରଥମ ପଦକ୍ଷେପ ସ୍ୱରୂପ, ପ୍ରକଳ୍ପ ସମ୍ପର୍କିତ ସୂଚନାର ପ୍ରସାର ଓ ପ୍ରକଳ୍ପରେ ଅଂଶଗ୍ରହଣ ବୃଦ୍ଧି ଉଦ୍ଦେଶ୍ୟରେ, ଓଟିଇଏଲ୍‌ପି ପକ୍ଷରୁ ଏକ ୱେବସାଇଟ ଖୋଲାଯାଇଛି (www.otelp.org), ସେହିଭଳି ପ୍ରକଳ୍ପର ଉଦ୍ଦେଶ୍ୟ, ଏହାର ସଫଳତା ଓ ଲୋକଙ୍କୁ ଅଂଶୀଦାର କରିବା ପାଇଁ ବାର୍ତ୍ତାର ପ୍ରଚାର ଓ ପ୍ରସାର ସକାଶେ ଆବଶ୍ୟକୀୟ ଉତ୍ତମ ଯୋଗାଯୋଗ ପଦ୍ଧତି ଓ ସାମଗ୍ରୀର ବିକାଶ କରିବାକୁ ପଡିବ ।

ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମ୍ପାଦନର ଅନୁଭୂତିକୁ ଆଧାରକରି ଯୋଗାଯୋଗ ସ୍ଥାପନ ନୀତି ପ୍ରଣୟନ କରିବାକୁ ହେବ । ଏହାଦ୍ୱାରା ଲୋକଙ୍କ ନକରାତ୍ମକ ଆଚରଣରେ ସୁଧାର ଆଣିବା ସହ ଦେଖାଦେଇଥିବା ସମସ୍ୟା ଓ ପ୍ରତିବନ୍ଧକର ସମାଧାନ କରାଯାଇପାରିବ । ଏଥିସହିତ ପ୍ରକଳ୍ପର ଭିତର ଓ ବାହାରରୁ ଅଂଶୀଦାର ମାନଙ୍କ ସହ ସର୍ବଦା ଉତ୍ତମ ସମ୍ପର୍କ ରକ୍ଷାକରିବାର ସର୍ବୋତ୍ତମ ଉପାୟ ମଧ ଅବଲମ୍ବନ କରାଯାଇ ପାରିବ ।

**ଯେକୌଣସି କାର୍ଯ୍ୟରେ ସଫଳତା ପାଇବାକୁ ହେଲେ ଯୋଗାଯୋଗ ସ୍ଥାପନର ଉତ୍ତମ କୌଶଳର ପ୍ରୟୋଗ ଆବଶ୍ୟକ । ଯୋଗାଯୋଗର କୌଶଳ ଓ କାର୍ଯ୍ୟକଳାପ ଅନ୍ତିମଲକ୍ଷ୍ୟ ନୁହେଁ; ସେସବୁ ସାଂଗଠନିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଏକ ମାଧମ ।**





# ଯୋଗାଯୋଗ ସ୍ଥାପନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ


## ସୂଚନା ପ୍ରାପ୍ତିର କାର୍ଯ୍ୟ ସମ୍ପାଦନ

ଯୋଗାଯୋଗ କାର୍ଯ୍ୟକ୍ରମ ସାଧାରଣତଃ ସୂଚନା ପ୍ରଦାନକରି ଲୋକଙ୍କୁ ପ୍ରବର୍ତ୍ତାଇବା ଲାଗି ଉଦ୍ଦିଷ୍ଟ ଥାଏ । କିନ୍ତୁ ଅଧିକାଂଶ ସମୟରେ ଏହା ଲୋକଙ୍କର ନୂଆ ଫଳପ୍ରଦ ଆଚରଣ ସୃଷ୍ଟି କରିବାରେ ବିଫଳ ହୋଇଥାଏ । ନୂତନ ଆଚରଣ ବା ସୁଅଭ୍ୟାସ ଆରମ୍ଭ କରିବା ବା ବଜାୟ ରଖିବାରେ ଏହା ଲୋକଙ୍କ ସହାୟକ ହୋଇପାରେ ନାହିଁ । ସୁତରାଂ, **ଯୋଗାଯୋଗ ସ୍ଥାପନର ଲକ୍ଷ୍ୟ ସଚେତନତା ବଢାଇବା, ସୂଚନା ଓ ଶିକ୍ଷା ଦେବା ଏବଂ ଲୋକମାନେ ଯାହା କରିବା ଦରକାର, ସେ ଦିଗରେ ସେମାନଙ୍କ ହୃଦ୍‌ବୋଧ କରାଇବା ଉପରେ ଆଧାରିତ ହେବା ଉଚିତ୍ ।**

ନୂତନ ଆଚରଣ ଅଭ୍ୟାସ କରିବା ପାଇଁ ଏକ ପ୍ରଭାବଶାଳୀ ପରିବେଶ ଏକାନ୍ତ ପ୍ରୟୋଜନ । ଜଣେ ବ୍ୟକ୍ତି ଯେଉଁ ପରିବେଶରେ ବଢିଥାଏ, ସେ ଅନୁସାରେ ତାର ବ୍ୟବହାର ଅପରିବର୍ତ୍ତିତ ରହିଥାଏ । କିନ୍ତୁ ପ୍ରଭାବିତ କରିପାରୁଥିବା ଉତ୍ତମ ପରିବେଶ ସୃଷ୍ଟିକରାଗଲେ, ଏହାର ସୁଫଳ ମିଳିଥାଏ  ଏବଂ ସଂପୃକ୍ତ ବ୍ୟକ୍ତିର ଆଚରଣରେ ପରିବର୍ତ୍ତନ ଘଟିଥାଏ । ତେବେ କେବଳ ସୂଚନା ମାଧମରେ ଜ୍ଞାନ ପ୍ରଦାନକଲେ ଚଳିବନାହିଁ , ନୂତନ ଜ୍ଞାନକୁ କିପରି କର୍ମକ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ, ସେଥି ନିମନ୍ତେ ଲୋକଙ୍କୁ ବାରମ୍ବାର ବୁଝାଇବା ଆବଶ୍ୟକ ।

ବର୍ତ୍ତମାନ ଯୋଗାଯୋଗର ଆଭିମୁଖ୍ୟ, ଜ୍ଞାନର ଆବଶ୍ୟକତା ଓ ଆଚରଣ ପ୍ରୟୋଗ ମଧ୍ୟରେ ସମନ୍ୱୟ ରକ୍ଷାକରି ପାରିଲେ, ସାମାଜିକ ବିକାଶ ପ୍ରକ୍ରିୟା ସମ୍ଭବ ହୋଇପାରିବ । ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଧାରରେ ଯୋଗାଯୋଗ ସ୍ଥାପନର କୌଶଳ ସ୍ଥିର ହୋଇଥାଏ । ଗୋଷ୍ଠୀ ସଶକ୍ତିକରଣ ଏବଂ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଚିହ୍ନିତ ଯୋଗାଯୋଗରେ ବ୍ୟବଧାନ ଯୋଗୁ ଦେଖାଦେଇଥିବା ସମସ୍ୟାର ଦୂରୀକରଣ ଏହାର ମୁଖ୍ୟ ଉଦ୍ଦେଶ୍ୟ ।

- ଗ୍ରାମବାସୀଙ୍କ ଜ୍ଞାନ ବୃଦ୍ଧି କରାଯାଇ, ଜୀବିକା ନିର୍ବାହ ଓ ଖାଦ୍ୟ ନିରାପତ୍ତା ବିଷୟରେ ସବିଶେଷ ଆଲୋଚନା କରାଯାଇ ସେମାନଙ୍କର ଚେତନା ସ୍ତରରେ ଉନ୍ନତି ଅଣାଯାଇ ପାରିବ । ଯାହାକି ସେମାନଙ୍କର ସଶକ୍ତିକରଣ ନିମନ୍ତେ ଏକ ଫଳପ୍ରଦ ବ୍ୟବସ୍ଥାଭାବେ କାର୍ଯ୍ୟକରିବ ।
- ଓଟିଇଏଲ୍‌ପି ଯୋଜନା ଓ କାର୍ଯ୍ୟକ୍ରମର ସଂରଚନା, ପ୍ରଣୟନ ଓ ପରିଚାଳନା ସକାଶେ ସାମାଜିକ ଜାଗରଣ ଏବଂ ଗ୍ରାମବାସୀଙ୍କ ଭାଗିଦାରୀ ବଢେଇବାକୁ ହେବ ।  ସେମାନେ ଯେପରି ଜଳବିଭାଜିକା ପ୍ରକଳ୍ପ ଗୁଡିକୁ ନିଜର ଭାବି ଏହାର ପରିକଳ୍ପନା, ପରିଚାଳନା ଓ ରୂପାୟନରେ ଅଂଶଗ୍ରହଣ କରି ଓଟିଇଏଲ୍‌ପି ର ଉଦ୍ଦେଶ୍ୟ ସଫଳ କରନ୍ତି,  ସେଥି ନିମନ୍ତେ କୌଶଳର ସହ ଯୋଗାଯୋଗ ବ୍ୟବସ୍ଥାକୁ ପରିଚାଳନା କରିବାକୁ ପଡିବ  ।
- କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧମ ଏବଂ ଗୋଷ୍ଠୀ ମାଧମରେ ସୂଚନା ପ୍ରଦାନକରି, ପ୍ରକଳ୍ପ କାର୍ଯ୍ୟରେ ଉଦ୍ଦିଷ୍ଟ ଲୋକଙ୍କୁ ଅଂଶ ଗ୍ରହଣର ସୁଯୋଗ ଦିଆଯିବ । ଏହାଦ୍ୱାରା ସେମାନେ ନିଜେ ନିଷ୍ପତ୍ତି ଗ୍ରହଣ କରି ଯୋଜନା ପ୍ରସ୍ତୁତ କରିବେ । ଜଳବିଭାଜିକା ପରିଚାଳନା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ବିଶେଷ ଭାବେ 'ଅତି ଦୁର୍ବଳ ଶ୍ରେଣୀ'ର ଲୋକେ  ଅଂଶଗ୍ରହଣ କରିପାରିବେ । ଏ କ୍ଷେତ୍ରରେ ଗଣ ମାଧମ ପ୍ରଚାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ।
- ଗୋଷ୍ଠୀ, ସାଧାରଣ ଜନତା, ପ୍ରଶାସନିକ ଅଧିକାରୀ, ସରକାରୀ ଓ ବେସରକାରୀ ସଂଗଠନର କର୍ମକର୍ତ୍ତା ଓ ଅନ୍ୟାନ୍ୟ ଅନୁଷ୍ଠାନର ସଭ୍ୟ ସଭ୍ୟାଙ୍କ ମଧ୍ୟରେ ଯେପରି ଯଥାଯଥ ସୂଚନା ବିନିମୟ କରାଯାଇପାରିବ, ସେ ଉଦ୍ଦେଶ୍ୟରେ ଅନୁକୂଳ ପରିବେଶ ଓ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ।
- ଜୀବନ ଧାରାରେ ସୁଧାର ଆଣିବା ସକାଶେ ଯୋଗାଯୋଗ ସ୍ଥାପନ ଜରୁରୀ ଅଟେ । ତେଣୁ ଉଦ୍ଦିଷ୍ଟ ଗ୍ରାମବାସୀ, ପଞ୍ଚାୟତ କର୍ମକର୍ତ୍ତା, ବେସରକାରୀ ସଂଗଠନ, ଗ୍ରାମ, ଜିଲ୍ଲା ଓ ରାଜ୍ୟ ସ୍ତରର କର୍ମକର୍ତ୍ତା, ଅଂଶଗ୍ରହଣକାରୀ ଗଣମାଧମ, ନେତୃସ୍ଥାନୀୟ ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ପାଇଁ ବିଭିନ୍ନ ପଦକ୍ଷେପ ଯଥା- ସମର୍ଥନ ଲାଭ ଉଦ୍ଦେଶ୍ୟରେ ପ୍ରଚାର, ସାଧାରଣ ସଭା, ସାମାଜିକ ସମ୍ପର୍କଭଳି ବ୍ୟବସ୍ଥାର ଉପଯୋଗ ପାଇଁ ବୈଠକର ଆୟୋଜନ କରିବାକୁ ପଡିଥାଏ । ଏଥିରେ ମୁହାଁ ମୁହିଁ ଆଲୋଚନା ତଥା ସନ୍ଦେହ ମୋଚନର ଅବକାଶ ମିଳିଥାଏ
- ଜଳବିଭାଜିକା ଓ ତତ୍ ସଂପୃକ୍ତ କାର୍ଯ୍ୟକ୍ରମ ଶେଷ ହେଲେ ସ୍ଥାନୀୟ ଲୋକଙ୍କ ହାତରେ ଏହାର ଦାୟିତ୍ୱ ଦେଇ କର୍ମକର୍ତ୍ତାମାନଙ୍କୁ ବିଦାୟ ନେବାକୁ ପଡିବ । ତାପୂର୍ବରୁ ଲୋକମାନେ ଯେପରି ନିଜେ ନିଜେ ଏହାର ପରିଚାଳନା କରିପାରନ୍ତି, ସେ ଦିଗରେ ଯଥେଷ୍ଟ ଧ୍ୟାନ ଦେବାକୁ ହେବ





# ଯୋଗାଯୋଗ କାର୍ଯ୍ୟକ୍ରମର ଉପାଦାନ

ସଫଳତାରସହ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ, ପ୍ରସ୍ତାବିତ 'ଯୋଗାଯୋଗ ସ୍ଥାପନର କୌଶଳ' ନିର୍ଦ୍ଧାରଣ ଆବଶ୍ୟକ । ପ୍ରକଳ୍ପର ଉଦ୍ଦେଶ୍ୟ ସାଧନ ଏହାର ଲକ୍ଷ୍ୟ ହୋଇଥାଏ । ଲୋକମାନଙ୍କ ଦ୍ୱାରା ପରିଚାଳିତ ଏହି ବିକାଶ ପ୍ରକ୍ରିୟା ଦ୍ୱାରା ଗ୍ରାମବାସୀଙ୍କ ସଶକ୍ତିକରଣ ସାଧନ ଏହାର ଉଦ୍ଦେଶ୍ୟ ।

## ଉପକୃତ ବ୍ୟକ୍ତି

ଯୋଗାଯୋଗ ବ୍ୟବସ୍ଥା ସ୍ଥିର କରିବା ପୂର୍ବରୁ ଜଳବିଭାଜିକା ପ୍ରକଳ୍ପଟି କେଉଁମାନଙ୍କପାଇଁ ଉଦ୍ଦିଷ୍ଟ, ତାହା ଜାଣିବା ଉଚିତ୍ । ଷାଠିଏ ପ୍ରତିଶତରୁ ଉର୍ଦ୍ଧ୍ୱ ତଫସିଲଭୁକ୍ତ ଉପଜାତି/ଜାତିର ଲୋକ ବସବାସ କରୁଥିବା ଗ୍ରାମଗୁଡ଼ିକ, ଯେଉଁଠି ଅଧିକାଂଶ ଗ୍ରାମବାସୀ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଛନ୍ତି, ସେହି ଗ୍ରାମଗୁଡ଼ିକରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ଫଳରେ କିଛି ତଫସିଲଭୁକ୍ତ ଉପଜାତି ଓ ସାଧାରଣ ଦରିଦ୍ର ଶ୍ରେଣୀର ପରିବାର ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ, ଉପଜାତି ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଆଦିବାସୀ ଗୋଷ୍ଠୀଙ୍କୁ ପ୍ରାଥମିକତା ଦିଆଯାଇଥିଲେ ମଧ ପ୍ରକଳ୍ପରେ ଅନ୍ୟାନ୍ୟ ସାଧାରଣ ବ୍ୟକ୍ତିବିଶେଷଙ୍କୁ ସୁବିଧା ଦିଆଯାଇଛି ଏବଂ ସେମାନଙ୍କୁ କିଛିଟା ଗୁରତ୍ୱ ଦିଆଯିବା ମଧ ଜରୁରୀ ।

## ଭିତର ଓ ବାହାର ଲୋକଙ୍କ ସହ ଯୋଗାଯୋଗ

ଜଳବିଭାଜିକା ବା ପ୍ରସ୍ତାବିତ ପ୍ରକଳ୍ପରେ ଯେଉଁମାନେ ଉପକୃତ ହେବେ ଏବଂ ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରାଉଛନ୍ତି, ଉଭୟ ଗୋଷ୍ଠୀଙ୍କ ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାରେ ସମାନ ଦୃଷ୍ଟି ଦିଆଯାଇଛି । ଓଟିଇଏଲ୍‌ପି ର ନୀତି ଆଧାରରେ ପ୍ରକଳ୍ପର ସମସ୍ତ ଅଂଶୀଦାର ଗୋଷ୍ଠୀ ମଧରେ ଫଳପ୍ରଦ ସମ୍ପର୍କ ସ୍ଥାପନକୁ ଗୁରୁତ୍ୱ ଦିଆଯାଇଛି । ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ସାଧାରଣ ଲୋକଙ୍କୁ ପ୍ରଭାବିତ କରିପାରିବେ ସେମାନଙ୍କୁ ମଧ ଏଥିରେ ସାମିଲ କରାଇବାକୁ ପଡ଼ିବ । ଜୀବିକା ନିର୍ବାହ ଯୋଜନା, ଶିକ୍ଷା ଓ ଆଦିବାସୀ ସଶକ୍ତିକରଣ ପାଇଁ ସକାରାତ୍ମକ ପରିବର୍ତ୍ତନ ସୁନିଶ୍ଚିତ କରିବା ଓଟିଇଏଲ୍‌ପି ର ଲକ୍ଷ୍ୟ । ତେଣୁ ଓଟିଇଏଲ୍‌ପି ର କର୍ମୀ ମାନଙ୍କ ମଧରେ ଭାବର ଆଦାନ ପ୍ରଦାନ ତଥା ସୂଚନା ପ୍ରବାହକୁ "ଆଭ୍ୟନ୍ତରୀଣ ଯୋଗାଯୋଗ" କୁହାଯାଏ (କର୍ମଚାରୀ, କର୍ମଚାରୀ ଓ ପରିଚାଳନା ବିଭାଗ ଏବଂ କର୍ମଚାରୀ ଓ ବୋର୍ଡ ମଧରେ ସମ୍ପର୍କ ସ୍ଥାପନ) । ଓଟିଇଏଲ୍‌ପି ଓ ଏହାର ଅଂଶୀଦାର ମାନଙ୍କ ମଧରେ (ପ୍ରମୁଖ ଅଂଶୀଦାର, ସହ ଅଂଶୀଦାର, ପ୍ରଶାସନିକ କଳ, ବେସରକାରୀ ସଂସ୍ଥା) ଏବଂ ଉପଭୋକ୍ତା ଗୋଷ୍ଠୀ ସହ ସମ୍ପର୍କ ମଧ ଆଭ୍ୟନ୍ତରୀଣ ଯୋଗାଯୋଗ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ।

"ବାହ୍ୟ ଯୋଗାଯୋଗ" କହିଲେ ଗୋଟିଏ ଦଳ କିମ୍ବା ବ୍ୟକ୍ତି ବିଶେଷଙ୍କ ସହଯୋଗକୁ ବୁଝାଏ । ଏମାନେ ପ୍ରକଳ୍ପ ସହିତ ପ୍ରତ୍ୟେକ୍ଷ ଭାବେ ଜଡିତ ନୁହଁନ୍ତି କିନ୍ତୁ କାର୍ଯ୍ୟକ୍ରମ ସମ୍ପର୍କରେ ଏମାନଙ୍କର ଉପଦେଶ ବା ଜ୍ଞାନ ଗ୍ରହଣ ବାଞ୍ଛନୀୟ ।

## ଏହା ନିମ୍ନଲିଖିତ ଭାବେ କାର୍ଯ୍ୟକାରୀ ହୋଇପାରିବ

- ସ୍ଥାନୀୟ ତଥା ଜାତୀୟ ସ୍ତରରେ ନିଷ୍ପତ୍ତି ଗ୍ରହଣକାରୀ ଓ ପ୍ରକଳ୍ପସହ ଜଡିତ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମ, ଏହାର ରୂପାୟନ ପଦ୍ଧତି, ବାଧାବିଘ୍ନ ଓ ସଫଳତା ସମ୍ପର୍କରେ ସୂଚନା ଦିଆଯାଇଥାଏ । ଯାହାଫଳରେ ସେମାନେ ଏହା ବୁଝିପାରି ଅନ୍ୟାନ୍ୟ ସ୍ଥାନରେ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କଲାବେଳେ କିମ୍ବା କାର୍ଯ୍ୟକ୍ରମର ପରବର୍ତ୍ତୀ ସୋପାନରେ ସେହି ଅନୁଭୂତି ଅନୁସାରେ, କାର୍ଯ୍ୟକ୍ରମର ଢ଼ଙ୍ଗ ବଦଳାଇ ପାରିବେ
- ପ୍ରକଳ୍ପର ଫଳାଫଳ ଓ କାର୍ଯ୍ୟକାରୀ ପଦ୍ଧତି ସମ୍ପର୍କରେ ଆନ୍ତର୍ଜାତିକ ବିକାଶ ସଂସ୍ଥା ଗୁଡ଼ିକୁ ମଧ ଜଣାଇ ଦିଆଯାଇଥାଏ । ଏହାଦ୍ୱାରା ଭାବର ଆଦାନ ପ୍ରଦାନ ଘଟେ ଏବଂ ପ୍ରକଳ୍ପ କାର୍ଯ୍ୟକାରୀ କରାଉଥିବା ସଂସ୍ଥାମାନଙ୍କ ସହ ଉତ୍ତମ ବୁଝାମଣା ସୃଷ୍ଟିହୁଏ ।

ଓଟିଇଏଲ୍‌ପି ର କାର୍ଯ୍ୟ ପ୍ରଣାଳୀ ଓ ଅଗ୍ରଗତି ସମ୍ପର୍କରେ ପ୍ରଚାର କରିବାରେ ବାହ୍ୟ ଯୋଗାଯୋଗ ବ୍ୟବସ୍ଥାର ଗୁରୁତ୍ୱ ଖୁବ୍ ବେଶି । ଏଥିରେ ଗଣମାଧମର ମଧ ବିଶେଷ ଭୂମିକା ରହିଛି ।

ଉପରୋକ୍ତ ବିଷୟକୁ ବିଚାରକୁ ନେଇ ପ୍ରକଳ୍ପର ହିତାଧିକାରୀମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

୧- ପ୍ରାଥମିକ : ଗ୍ରାମବାସୀ, ଗ୍ରାମପଞ୍ଚାୟତ, କ୍ଷେତ୍ରୀୟ ବେସରକାରୀ ସଂଗଠନ, ସହାୟକ ବିଭାଗ, ଓଟିଇଏଲ୍‌ପି ର ଯୋଗାଯୋଗ ସ୍ଥାପନକାରୀ କର୍ମକର୍ତ୍ତା

୨- ଦ୍ୱିତୀୟତଃ : ପଞ୍ଚାୟତିରାଜ ଅନୁଷ୍ଠାନର ଅଧିକାରୀ, ମତ ସୃଷ୍ଟିକାରୀ ନେତା, ଓଟିଇଏଲ୍‌ପି ର ଅନ୍ୟାନ୍ୟ କର୍ମଚାରୀ

୩- ସ୍ୱତନ୍ତ୍ର : ଗଣମାଧମ, ବିକାଶ ସଂସ୍ଥା ଓ ପ୍ରକଳ୍ପକୁ ଆର୍ଥିକ ସହାୟତା ଦେଉଥିବା ସଂସ୍ଥା

## ଓଟିଇଏଲ୍‌ପି ରେ ଯୋଗାଯୋଗ ସ୍ଥାପନର ଆଭିମୁଖ୍ୟ :

ଓଟିଇଏଲ୍‌ପି ର ଯୋଗାଯୋଗ ସ୍ଥାପନ ଯୋଜନାର ଆଭିମୁଖ୍ୟ ହେଉଛି, ପ୍ରକଳ୍ପର ଲକ୍ଷ୍ୟ ହାସଲ କରିବା ପାଇଁ ସାହାଯ୍ୟ କରିବା । ଏହା ପ୍ରକଳ୍ପର ସୂଚନା, ଶିକ୍ଷା, ତାଲିମ୍ ଓ ଯୋଗାଯୋଗ ବ୍ୟବସ୍ଥା ମଧରେ ସମନ୍ୱୟ ସ୍ଥାପନ କରିଥାଏ ।

ଏଭଳି ଯୋଗାଯୋଗ ସ୍ଥାପନ ପ୍ରକ୍ରିୟା, ବିଭିନ୍ନ ସ୍ତରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାବେଳେ ଆବଶ୍ୟକତା ଅନୁସାରେ ବିକାଶଲାଭ କରିଥାଏ ଓ ଗ୍ରାମବାସୀଙ୍କ ଜ୍ଞାନର ପରିସର ବଢାଇଥାଏ । ଏହା ସେମାନଙ୍କ ସାଧାରଣ ଅଭ୍ୟାସରେ ପରିବର୍ତ୍ତନ ଆଣିଥାଏ ଏବଂ ସେମାନଙ୍କୁ ଅଧିକ ପ୍ରଭାବଶାଳୀ କରିଥାଏ । ଫଳସ୍ୱରୂପ ଜଙ୍ଗଲ, ଜମି, ଜଳ, କୃଷି, ପଶୁପାଳନ, ଆର୍ଥିକ ଚାହିଦା ଓ ଗ୍ରାମାଞ୍ଚଳ ଭିତ୍ତିଭୂମିର ପରିଚାଳନା ଅଧିକ ଦକ୍ଷତାର ସହ ସଂପାଦିତ ହୋଇଥାଏ ।

ବିଭିନ୍ନ ପ୍ରକାରର ଯୋଗାଯୋଗ ସ୍ଥାପନକାରୀ ବ୍ୟବସ୍ଥା ବିକଶିତ କରାଯାଇ ପ୍ରାଥମିକ ଓ ଅନ୍ୟ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନମାନଙ୍କ ନିମନ୍ତେ ବ୍ୟବହାର କରାଯାଇ ପାରେ । ସଂପର୍କ ସ୍ଥାପନର କୌଶଳ ଦୃଷ୍ଟିରୁ ପାଞ୍ଚପ୍ରକାରର ଉପାଦାନ ଗ୍ରହଣ କରାଯାଇପାରେ ।

୧- **ଗୋଷ୍ଠୀ ଅଂଶ ଗ୍ରହଣ ପ୍ରକ୍ରିୟା** ମାଧମରେ ଯୁବକ/ ମହିଳା/ ଗ୍ରାମର ବୟସ୍କ ବ୍ୟକ୍ତିଙ୍କୁ ଛୋଟ ଛୋଟ ଦଳରେ ଅନ୍ତର୍ଭୁକ୍ତ କରାଯାଇ ବିଭିନ୍ନ ପ୍ରକାରର ତାଲିମ୍ ପ୍ରଦାନ କରାଯାଇପାରେ ।

୨- **ବହୁମୁଖୀ ଯୋଗାଯୋଗ ମାଧ୍ୟମ** ଜୀବିକା ନିର୍ବାହ କାର୍ଯ୍ୟରେ ଜ୍ଞାନ ବଢାଇବା ଓ ଲୋକଙ୍କ ଦୃଷ୍ଟିଭଙ୍ଗୀ ସକାରାତ୍ମକ କରାଇବାରେ ସହାୟକ ହୋଇଥାଏ

୩- **ଗୋଷ୍ଠୀଦ୍ୱାରା ଅନୁସରଣ ଓ ମତସଂଗ୍ରହ ପ୍ରକ୍ରିୟା** ଯୋଗାଯୋଗ ବ୍ୟବସ୍ଥାର ଆଉ ଏକ ଅଂଶ । ଏହାଦ୍ୱାରା ପରିବର୍ତ୍ତନ ପ୍ରକ୍ରିୟା ସକାରାତ୍ମକ ଓ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ ସ୍ଥାପନକାରୀ କାର୍ଯ୍ୟ ସହ ଜଡିତ ହୋଇଥାଏ

୪- **ଦକ୍ଷତା ବୃଦ୍ଧି ପ୍ରକ୍ରିୟା**ରେ ସାଧନ ଯୋଗାଣକାରୀ ବେସରକାରୀ ସଂଗଠନ, କ୍ଷେତ୍ରୀୟ ସ୍ୱେଚ୍ଛାସେବୀ ସଂସ୍ଥା, ଗ୍ରାମର ସ୍ୱେଚ୍ଛାସେବୀ, ପ୍ରକଳ୍ପ କର୍ମକର୍ତ୍ତା ଓ ଅନ୍ୟାନ୍ୟ ଅଂଶୀଦାର ଅନୁଷ୍ଠାନ/ ସଂଗଠନ ଅନ୍ତର୍ଭୁକ୍ତ

୫- **ଗଣମାଧ୍ୟମର ସମର୍ଥନ** ଲାଗି ପ୍ରୟାସ କରାଯାଇ ପାରିଲେ ଜୀବିକା ନିର୍ବାହ ଓ ସଶକ୍ତିକରଣ ସମ୍ପର୍କରେ ସଠିକ୍ ତଥ୍ୟ ପ୍ରସାରଣ ଓ ପ୍ରଚାର ହୋଇପାରିବ ।

ଜଳବିଭାଜିକା ନିର୍ମାଣ, ବ୍ଲକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଜିଲ୍ଲା ସ୍ତରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଉତ୍ତମ ଯୋଗାଯୋଗ ବ୍ୟବସ୍ଥାହିଁ ଯଥେଷ୍ଟ ସାହାଯ୍ୟ କରିଥାଏ । ଓଟିଇଏଲ୍‌ପି ଯୋଗାଯୋଗ ବ୍ୟବସ୍ଥାର ମୂଳ ଆଭିମୁଖ୍ୟ ହେଲା ପରସ୍ପର ମଧ୍ୟରେ ସହଭାଗୀଙ୍କ ଭଳି ଆଲୋଚନା କରିବା । ଏହି କାର୍ଯ୍ୟ ନିମନ୍ତେ ଦାୟିତ୍ୱରେ ଥିବା କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମକର୍ତ୍ତାମାନେ ଭଲଭାବେ ତାଲିମ ପାଇବା ଉଚିତ, ଯାହା ଫଳରେ, ସେମାନେ ଆଲୋଚନା ମାଧ୍ୟମରେ ଜାଣିପାରିବେ- ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀପାଇଁ କେଉଁ ପ୍ରକାରର ଯୋଗାଯୋଗ ବ୍ୟବସ୍ଥା ଆବଶ୍ୟକ । ସେହି ଅନୁସାରେ ତାହା ସ୍ଥିର କରାଯାଇପାରିବ । ବିଭିନ୍ନ ଗୋଷ୍ଠୀଙ୍କ ନିମନ୍ତେ ସମାନ ପ୍ରକାର ବ୍ୟବସ୍ଥା କଲେ ବିଶେଷ ଫଳପ୍ରଦ ହେବ ନାହିଁ ।

## ଯୋଗାଯୋଗ ସ୍ଥାପନ କାର୍ଯ୍ୟକ୍ରମରେ ଗୋଷ୍ଠୀ ଅଂଶଗ୍ରହଣ ପ୍ରକ୍ରିୟା

ଯୋଗାଯୋଗ ସ୍ଥାପନ ବ୍ୟବସ୍ଥାରେ ଗ୍ରାମବାସୀଙ୍କ ଅଂଶଗ୍ରହଣ ଫଳରେ ସେମାନେ ପ୍ରକଳ୍ପର କାର୍ଯ୍ୟ ସମ୍ପର୍କରେ କେବଳ ସଠିକ ଧାରଣା ପାଇପାରିବେ କି ତଥ୍ୟ ଜାଣିପାରିବେ ତାହା ନୁହେଁ; ସେମାନେ ସକ୍ରିୟଭାବେ ଅଂଶ ଗ୍ରହଣ କରି ପ୍ରକଳ୍ପକୁ ସଫଳ କରିପାରିବେ । ଏହି ପ୍ରକ୍ରିୟାରେ ସୁବିଧା ପାଉଥିବା ଗ୍ରାମବାସୀମାନେ ପ୍ରକଳ୍ପର ଅନ୍ୟାନ୍ୟ ସଂସ୍ଥା ଯଥା- ଆଇଟିଡିଏ, ସରକାରୀକଳ, ଅନ୍ୟାନ୍ୟ ବାହ୍ୟ ସାହାଯ୍ୟକାରୀ ସଂସ୍ଥା, ଗଣମାଧ୍ୟମ ଓ ପ୍ରକଳ୍ପ କର୍ମକର୍ତ୍ତାଙ୍କ ସହ ମିଳିମିଶି କାର୍ଯ୍ୟ କରିଥାନ୍ତି ।

## ମୁଖ୍ୟ ବାର୍ତ୍ତାର ବିକାଶ

ପ୍ରକଳ୍ପର ପ୍ରାଥମିକ, ପରବର୍ତ୍ତୀ ଓ ସ୍ୱତନ୍ତ୍ର ଶ୍ରୋତାଙ୍କ ସହ ଯୋଗାଯୋଗ ସମ୍ପର୍କ ସ୍ଥାପନର ଦୃଷ୍ଟିଭଙ୍ଗୀ ପୃଥକ ପୃଥକ ଅଟେ । ପ୍ରାଥମିକ ଉପଭୋକ୍ତାଙ୍କ ପାଇଁ ଯୋଗାଯୋଗ ସ୍ଥାପନର ଅର୍ଥ ସୂଚନା, ଶିକ୍ଷା ଓ ପ୍ରେରଣା ପ୍ରଦାନ କରିବା । ଯାହା ଫଳରେ ସେମାନେ ନିଜର ଜୀବିକା କାର୍ଯ୍ୟକ୍ରମ ନିଜେ ଚିନ୍ତାକରି ଯୋଜନା ତିଆରି କରି ତାକୁ କାର୍ଯ୍ୟରେ ପରିଣତ କରନ୍ତି । କିନ୍ତୁ ଅବଶିଷ୍ଟ ଦୁଇ ପ୍ରକାର ଶ୍ରୋତାଙ୍କ ପାଇଁ ସଂପର୍କ ସ୍ଥାପନ ଅର୍ଥ ପ୍ରକଳ୍ପର କର୍ମକର୍ତ୍ତାଙ୍କୁ ସୂଚନା ଯୋଗାଇ କାର୍ଯ୍ୟକ୍ରମକୁ ଆଗେଇନେବା ଓ ସେମାନଙ୍କ ଦକ୍ଷତା ବଢାଇବା ।

ଉପଭୋକ୍ତାଙ୍କ ଆବଶ୍ୟକତା ଅନୁଯାୟୀ ପ୍ରତ୍ୟେକଙ୍କ ପାଇଁ ବାର୍ତ୍ତା ଓ ମାଧ୍ୟମ ଅଲଗା ଅଲଗା ହୋଇଥାଏ । ଯୋଗାଯୋଗ ସ୍ଥାପନ ପାଇଁ ବ୍ୟବହୃତ ଉପକରଣ ଗୁଡିକ **ସହଭାଗିତା ପ୍ରକ୍ରିୟା**ରେ ଯତ୍ନର ସହିତ ଗବେଷଣାଲବ୍ଧ ତଥ୍ୟ ଓ ଶିକ୍ଷା ଦ୍ୱାରା ସଜ୍ଜିତ ହେବା ଆବଶ୍ୟକ । ଏ ସମସ୍ତ ଉପକରଣ ଉପଯୁକ୍ତ କ୍ଷେତ୍ର ପରୀକ୍ଷାପରେ ବ୍ୟବହାର କରାଯିବା ଉଚିତ୍ ।

## ଯୋଗାଯୋଗ ସ୍ଥାପନ ନୀତିର ପଦ୍ଧତି

ଯୋଗାଯୋଗ ସ୍ଥାପନ ସଂକ୍ରାନ୍ତୀୟ ପ୍ରତ୍ୟେକ କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଉପଭୋକ୍ତାଙ୍କ ଆଚରଣ ଅନୁସାରେ ବିକଶିତ କରାଯାଇଥାଏ । ଉପଭୋକ୍ତା ମାନଙ୍କ ବୁଝିବାରେ କେତେକ ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ଚିହ୍ନଟ ହୋଇଥାଏ ଓ ଉପଯୁକ୍ତ ଯୋଗାଯୋଗ କୌଶଳଦ୍ୱାରା ଉପଭୋକ୍ତାଙ୍କର ବୁଝିବାରେ ଉନ୍ନତି ହୋଇଥାଏ ।

## ଯୋଗାଯୋଗ ସ୍ଥାପନର ମାଧ୍ୟମ ଓ ସାମଗ୍ରୀ

ଯୋଗାଯୋଗ ସ୍ଥାପନରେ ବ୍ୟବହାର ହେବାକୁ ଥିବା ମାଧ୍ୟମ ଗୁଡିକ ସ୍ଥାନୀୟ ପରିବେଶ ଓ ଚାଲିଚଳଣି ତଥା ପ୍ରକଳ୍ପ ହିତାଧିକାରୀ ଓ ଅଂଶୀଦାରଙ୍କ ଆବଶ୍ୟକତା ଉପରେ ଆଧାରିତ ହୋଇଥାଏ । ଗୋଷ୍ଠୀମାଧ୍ୟମକୁ ଗଣମାଧ୍ୟମ ଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଗୋଟିଏ ଗୋଷ୍ଠୀର ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ସମ୍ପର୍କ ଓ ଆଲୋଚନା, ପ୍ରକଳ୍ପ କାର୍ଯ୍ୟ ସଂପାଦନାରେ ମହତ୍ୱପୂର୍ଣ୍ଣ ଅବଦାନ ଦେଇଥାଏ । ସ୍ଥାନୀୟ ପ୍ରଚାର ମାଧ୍ୟମ ପ୍ରକଳ୍ପ ବିଷୟରେ ସାଧାରଣ ଲୋକଙ୍କ ଜ୍ଞାନ ବଢ଼ାଏ ଫଳରେ ଏଭଳି ସୁବିଧା ସୁଯୋଗ ହାସଲ ନିମନ୍ତେ ସେମାନେ ନିଜଆଡୁ ଦାବି କରନ୍ତି ।

ଗଣମାଧ୍ୟମ ଗୁଡିକ ସୂଚନା, ପ୍ରଶିକ୍ଷଣ ଓ ସମର୍ଥନ ହାସଲ ଉଦ୍ଦେଶ୍ୟରେ ବ୍ୟବହାର ହୋଇଥାଏ । ମୁଦ୍ରିତ ମାଧ୍ୟମର ବାର୍ତ୍ତା ପୁସ୍ତକ ଆକାରରେ ଲେଖା ନହୋଇ ଚିତ୍ର ବିଚିତ୍ର ପୂର୍ଣ୍ଣ ଓ ଆକର୍ଷକ ହେବା ଉଚିତ୍ ।

ଆଉ ଏକ ମାଧ୍ୟମ ହେଉଛି, ଗ୍ରାମବାସୀମାନେ ବୁଝିପାରିବାଭଳି ଭାବିଚିନ୍ତି କାନ୍ଥରେ ଲେଖା । କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟ ଓ ଅଗ୍ରଗତି ତଥା ଲାଭକ୍ଷତି ସମ୍ପର୍କରେ ଏଥିରୁ ସୂଚନା ମିଳେ । ଏଥିରେ ଅଧିକ ଲେଖା ନରହି ଅଧିକ ଚିତ୍ର ରହିବ । ଲୋକେ କାର୍ଯ୍ୟଟିକୁ ମିଳିମିଶି କରୁଛନ୍ତି ବୋଲି ଜଣାପଡିବ ।

ଗୋଷ୍ଠୀ ବେତାର କେନ୍ଦ୍ର ଓ ଅନ୍ୟାନ୍ୟ ଲୋକପ୍ରିୟ ମାଧ୍ୟମ ସୂଚନାର ପ୍ରସାର ଓ ପ୍ରଚାର ପାଇଁ ବ୍ୟବହାର କରାଯାଇପାରେ । ଏଥିରେ ଆଦିବାସୀମାନଙ୍କ ସଂସ୍କୃତି ଓ ଚଳଣୀକୁ ଭିତ୍ତିକରି ତଥ୍ୟ ଦିଆଯାଇପାରେ ।

### ପ୍ରାଥମିକ ଉପଭୋକ୍ତାଙ୍କ ପାଇଁ ବ୍ୟବହୃତ ବିଭିନ୍ନ ମାଧ୍ୟମ :

- ଚିତ୍ରମାଳା / ଚିତ୍ର ପୁସ୍ତକ
- ପ୍ରଚାର ପତ୍ର
- ଟିଣରେ ଲେଖା ପ୍ରଚାରପତ୍ର
- କାନ୍ଥ ଲେଖା
- ପ୍ରାଚୀର ସମାଚାର ପତ୍ର
- ସଚିତ୍ର ପୁସ୍ତିକା
- ଲୋକ ନୃତ୍ୟ
- ଆଲୋଚନା ଧର୍ମୀ ନାଟକ
- ବେତାର କାର୍ଯ୍ୟକ୍ରମ
- ଗୋଷ୍ଠୀ ବେତାର



ସବୁଠାରୁ ଉତ୍ତମ କାମ ହେବ, ସ୍ଥାନୀୟ ଲୋକଙ୍କ ଭିତରେ ବିଭିନ୍ନ ତଥ୍ୟର ପ୍ରସାର ପାଇଁ ପୂର୍ବରୁ ବ୍ୟବହୃତ ମାଧ୍ୟମ ତଥା ଉପକରଣ ଗୁଡିକର ଉନ୍ନତିକରି ଉପଭୋକ୍ତାଙ୍କ ପାଇଁ ଉପଯୋଗୀ କରିବା । ଉଭୟ ମୁଦ୍ରିତ ଓ ଅଡିଓ-ଭିଡିଓ ରେକର୍ଡିଂର ସାହାଯ୍ୟ ନିଆଯାଇ ପାରେ । ଏଥିରେ ଖର୍ଚ୍ଚର ପରିମାଣ ଓ ଲୋକମାନଙ୍କ ମନରେ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏହା କେତେଦୂର ସହାୟକ ହେବ – ସେ ସମ୍ପର୍କରେ ପ୍ରଥମେ ବିଚାର ଆଲୋଚନା କରିବା ଆବଶ୍ୟକ । ଦ୍ୱିତୀୟ ଓ ସ୍ୱତନ୍ତ୍ର ଶ୍ରେଣୀର ଉପଭୋକ୍ତାଙ୍କ ନିମନ୍ତେ ପ୍ରସ୍ତାବିତ ମିଶ୍ରିତ ମାଧ୍ୟମ ଆବଶ୍ୟକ । କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିଭିନ୍ନ ପର୍ଯ୍ୟାୟର ବିବରଣୀ, ଲେଖା ଓ ଫଟୋଚିତ୍ର ମାଧ୍ୟମରେ ସଂଗ୍ରହ କରାଯିବା ଉଚିତ । ରାଜ୍ୟ ତଥା ଜାତୀୟ ସ୍ତରରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କୀୟ ବିବରଣୀ ଜଣାଇ ମତାମତ ସଂଗ୍ରହ ନିମନ୍ତେ ନିୟମିତ ବ୍ୟବଧାନରେ ଆଲୋଚନା ପାଇଁ କର୍ମଶାଳା ଆୟୋଜନ କରିବାକୁ ମଧ୍ୟ ହୁଏ ।

## ଯୋଗାଯୋଗ ସ୍ଥାପନର ନୀତି ଓ ଆଦର୍ଶ

ଯୋଗାଯୋଗ ସ୍ଥାପନର ମୌଳିକ ନୀତି ହେଉଛି କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରାଇବା ଓ ପ୍ରକଳ୍ପ ହିତାଧିକାରୀଙ୍କ ସଶକ୍ତିକରଣ କରିବା ।

⌘ ଯୋଗାଯୋଗ ସ୍ଥାପନ ଏକ "ପ୍ରକ୍ରିୟା", ଏକ ସାମଗ୍ରୀ ନୁହେଁ । ଏହାର ଦୁଇଟି ଦିଗଅଛି । ଗୋଷ୍ଠୀ, ଭାରପ୍ରାପ୍ତ କ୍ଷେତ୍ରୀୟ ବେସରକାରୀ ସଂଗଠନ, ପ୍ରକଳ୍ପ କର୍ମକର୍ତ୍ତାଙ୍କ ପ୍ରକଳ୍ପ କାର୍ଯ୍ୟରେ ଦୀର୍ଘସ୍ଥାୟୀ ସଂପୃକ୍ତି ହିଁ ଓଟିଇଏଲ୍‌ପିର ଆବଶ୍ୟକ । **'ମୁହାଁ ମୁହିଁ କଥା ବାର୍ତ୍ତା' ଓ ସହଭାଗିତା** ଆଧାରରେ ଯୋଗାଯୋଗ ସ୍ଥାପନହେବା ଉଚିତ୍ । ଏହା କେବଳ ସୂଚନା ପ୍ରଦାନ ମାଧ୍ୟମରେ ସମ୍ଭବ ନୁହେଁ। ତେଣୁ ଯୋଗାଯୋଗ ସ୍ଥାପନର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନାର ସୁଯୋଗ ସୃଷ୍ଟି କରିବା। ଯେଉଁ କୃଷକମାନେ ଉପକୃତ ହେଲେଣି ସେମାନେ ଅନ୍ୟ କୃଷକମାନଙ୍କୁ ଆଲୋଚନା ମାଧ୍ୟମରେ ପ୍ରଭାବିତ କରିବେ । ସେମାନଙ୍କୁ ଦଳଗତ ବୈଠକରେ ଏକତ୍ର କରାଇବା ଓ ଏହି ବୈଠକରେ ଜୀବିକା ଯୋଜନା ଓ ସାମାଜିକ ଚଳଣି ସମ୍ପର୍କରେ ଆଲୋଚନା କରି କେଉଁ ସ୍ତର ପରେ କେଉଁ ସ୍ତରରେ କ'ଣ କ'ଣ ଆଲୋଚନା ହେବ, ଆଗରୁ ସ୍ଥିର କରିବା । ଗଣମାଧ୍ୟମ ଉପରେ ସବୁବେଳେ ଅଧିକ ନିର୍ଭର କରିହେବ ନାହିଁ। ପ୍ରଥମେ ସମସ୍ୟା ଚିହ୍ନଟ କରିବା, କିପରି ଭାବରେ ସେହି ସମସ୍ୟାର ସମାଧାନର ପନ୍ଥା ବୁଝାଇ ହେବ ଏବଂ ଏହାପରେ ଲୋକେ କିପରି ଭାବରେ ତାହା ବୁଝି ଗ୍ରହଣ କରୁଛନ୍ତି, ତାହାର ତତ୍ତ୍ୱାବଧାନ କରାଯିବ।

⌘ ସ୍ଥାନୀୟ ପ୍ରାସଂଗିକତା ଓ ବ୍ୟାପକ ପ୍ରଭାବ ସୁନିଶ୍ଚିତ କରିବା ପାଇଁ **ସୁପରିକଳ୍ପିତ ଯୋଜନା**, 'ସମ୍ପର୍କ ଯୋଗାଯୋଗ ସ୍ଥାପନର ମାଧ୍ୟମ' ଓ ତଦାରଖ ପ୍ରକ୍ରିୟାର ବିକେନ୍ଦ୍ରିକରଣ କରାଯାଇଥାଏ । ରାଜ୍ୟସ୍ତରୀୟ ଯୋଗାଯୋଗ ସ୍ଥାପନକାରୀ ୟୁନିଟ୍, ବିକାଶ ବାର୍ତ୍ତା ନିରୂପଣ, ଗଣମାଧ୍ୟମ ଉପକରଣ ଓ ସମର୍ଥନ ଯୋଗାଡ଼ ପାଇଁ ପ୍ରୟାସ କରିଥାଏ । କ୍ଷେତ୍ରୀୟ ସ୍ୱେଚ୍ଛାସେବୀ ସଂସ୍ଥା ବିଶେଷ କୌଶଳ ପ୍ରୟୋଗ କରି ସ୍ଥାନୀୟ ପରିସ୍ଥିତିକୁ ସୁହାଇବା ଭଳି ପଦକ୍ଷେପମାନ ନେଇଥାନ୍ତି । ଜିଲ୍ଲା/ ଆଇଟିଡିଏ ସ୍ତରର ୟୁନିଟ୍ କାର୍ଯ୍ୟକ୍ରମର ପଥପ୍ରଦର୍ଶନ, ତଦାରଖ ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ନିମନ୍ତେ ଗବେଷଣାଲବ୍ଧ ତଥ୍ୟ ଯୋଗାଇଥାଏ ।

⌘ ନିୟମିତ ବ୍ୟବଧାନରେ ବର୍ଷରେ ଅନ୍ତତଃ ଦୁଇଥର **ଯୋଗାଯୋଗ ସ୍ଥାପନ ବ୍ୟବସ୍ଥାର ସମୀକ୍ଷା** କରାଯିବ । ଏହାଦ୍ୱାରା ତଥ୍ୟ ଗ୍ରହଣକାରୀମାନଙ୍କୁ କାର୍ଯ୍ୟକ୍ରମର ସୁଫଳ ମିଳୁଛି କି ନାହିଁ ଜଣାପଡିବ । ଯଦି ତ୍ରୁଟିଥାଏ ତାହାର ସଙ୍ଗେ ସଙ୍ଗେ ସଂଶୋଧନ କରାଯାଇପାରିବ ।

## ଯୋଗାଯୋଗ ନୀତିର ରୂପାୟନ

ଯୋଗାଯୋଗ ସ୍ଥାପନ କାର୍ଯ୍ୟପାଇଁ **ବିଭିନ୍ନ ମାଧ୍ୟମ ବ୍ୟବହାର ହେବା ଦରକାର।** ତେବେ ସାକ୍ଷରତା ହାର କମ୍ ଯୋଗୁଁ ଦୃଶ୍ୟ ମାଧ୍ୟମକୁ ଅଧିକ - ପ୍ରାଥମିକତା ଦିଆଯିବ । ଅନ୍ୟାନ୍ୟ ମାଧ୍ୟମ ସହାୟତା କରିବେ । ବିଭିନ୍ନ ମାଧ୍ୟମରେ କଥାବାର୍ତ୍ତା ଜରିଆରେ ତଥ୍ୟ ଯୋଗାଇ ଦିଆଯିବ । ଏହାକୁ ଦୁଇ ପର୍ଯ୍ୟାୟ ବିଶିଷ୍ଟ କରାଯିବ । ଯୋଗାଯୋଗ ବ୍ୟବସ୍ଥାର ସୁଫଳ ଲାଭ ନିମନ୍ତେ କାହାପରେ କେଉଁ କାର୍ଯ୍ୟକ୍ରମ ବା କେଉଁ ମାଧ୍ୟମ ବ୍ୟବହାର ହେବ, ତାହାର କ୍ୟାଲେଣ୍ଡର ବା ସୂଚୀ ତିଆରି କରାଯିବ।

## ଯୋଗାଯୋଗ ସ୍ଥାପନର ପ୍ରମୁଖ ଉପାଦାନ

❖ ଆଇ.ପି.ସି/ ବି.ସି.ସି ଉପକରଣର ବିକାଶ ଓ ତାଲିମ୍ ପ୍ରଦାନରେ ବ୍ୟବହାର

❖ ଯୋଗାଯୋଗ ସ୍ଥାପନ କାର୍ଯ୍ୟର କ୍ୟାଲେଣ୍ଡର୍ ପ୍ରସ୍ତୁତି ।

❖ ପ୍ରତ୍ୟେକ ସ୍ତରରେ ସାଧନ ବ୍ୟକ୍ତିଙ୍କର ଦକ୍ଷତା ବୃଦ୍ଧି ।

❖ ନିୟମିତ କାର୍ଯ୍ୟକ୍ରମର ବିବରଣୀ ଲିପିବଦ୍ଧ କରିବା ।

❖ ତଥ୍ୟ ବିତରଣ ଓ ଅଂଶଗ୍ରହଣ ନିମନ୍ତେ କର୍ମଶାଳାର ଆୟୋଜନ ।

## ପ୍ରଥମ ପର୍ଯ୍ୟାୟ

ପ୍ରଥମ ପର୍ଯ୍ୟାୟରେ ଜନସାଧାରଣଙ୍କ ପାଇଁ ସଚେତନତା ଅଭିଯାନ କରାଯାଇ ଏକ **ଅନୁକୂଳ ପରିବେଶ ସୃଷ୍ଟି କରାଯିବ** ।

ରାଜ୍ୟସ୍ତରର ଗଣମାଧ୍ୟମରେ ସଚେତନତା କାର୍ଯ୍ୟ ପ୍ରଚାର କରାଯିବ, ଏଥିରେ କାର୍ଯ୍ୟକ୍ରମ ଓ ତାର ସୁଫଳ ସମ୍ପର୍କରେ ସୂଚନା ଦିଆଯିବ । ପ୍ରଚାର ଅଭିଯାନ ପରେ ବିଭିନ୍ନ ସ୍ଥାନରେ ନେତୃ ସ୍ଥାନୀୟ ବ୍ୟକ୍ତିମାନଙ୍କୁ ନେଇ ଆଲୋଚନା ସଭା କରାଯାଇ କାର୍ଯ୍ୟକ୍ରମର 'ସାରକଥା' ସ୍ଥିର କରାଯିବ ଓ୍ୱେବସାଇଟ୍ କୁ ଅଧିକ କଥାବାର୍ତ୍ତାପୂର୍ଣ୍ଣ ଉତ୍ତରଦାୟୀ କରାଯିବ । ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ଲୋକଙ୍କ କଥା ଆଲୋଚନା ହେବ । ଏଥିରେ ଅଧିକ ଦୃଶ୍ୟାବଳୀ, ପ୍ରତୀକ ଓ କଥାବାର୍ତ୍ତା ରହିବ ।

ପ୍ରକଳ୍ପ କାର୍ଯ୍ୟ ଆଧାରରେ ଏକ ଗୀତ କିମ୍ବା ପରିଚୟ ଧର୍ମୀ ପ୍ରତୀକ (ଲୋଗୋ) ପ୍ରଦର୍ଶନ ପାଇଁ ବ୍ୟବହାର କରାଯାଇପାରେ । ସ୍ଥାନୀୟ ଲୋକଙ୍କୁ ନିଷ୍ପତ୍ତି ନେବାରେ ସାହାଯ୍ୟ କଲାଭଳି ଯୋଗାଯୋଗ କାର୍ଯ୍ୟକ୍ରମ ସ୍ଥିରହେବ । ସମସ୍ତେ ଯେପରି ମିଳିମିଶି କାମ ହାତକୁ ନେବେ ଏବଂ ସଫଳ ହୋଇ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଗଭର ହେବେ, ତାହା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଉଦ୍ୟମ ହେବ । କାର୍ଯ୍ୟକ୍ରମ ଆଗେଇନେବା ବେଳେ ଦେଖାଦେଉଥିବା ବିଭିନ୍ନ ସମସ୍ୟା କିପରି ସମାଧାନ କରାଯାଉଛି, ତାହା ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଜରିଆରେ ଲୋକଙ୍କୁ ଜଣାଇବା ଉପରେ ଗୁରୁତ୍ୱ ଦିଆଯିବ ।

## ଦ୍ୱିତୀୟ ପର୍ଯ୍ୟାୟ



ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟତଃ ପ୍ରକଳ୍ପ ସହ ଜଡିତ ବ୍ୟକ୍ତିବିଶେଷ ଓ ସଂସ୍ଥାକୁ ଉତ୍ସାହିତ କରି ଜୀବିକା ପରିଚାଳନା ସକାଶେ ଏକ **ସକାରାତ୍ମକ ବାତାବରଣ ସୃଷ୍ଟି କରାଯିବ** ଓ ଯୋଗାଯୋଗ ସ୍ଥାପନର **ବିଷୟବସ୍ତୁ ଚୟନ** କରାଯାଇ କାର୍ଯ୍ୟକାରୀ କରାଯିବ । ଯୋଗାଯୋଗ ସ୍ଥାପନ ପାଇଁ ଅଭିଯାନ ଓ "ସଶକ୍ତିକରଣ ଦିବସ" ଭଳି ସ୍ୱତନ୍ତ୍ର ଦିବସ ର ଆୟୋଜନ କରାଯିବ ଏବଂ ଏହାଦ୍ୱାରା ସମାଜର ସମସ୍ତଙ୍କ ପାଖରେ କାର୍ଯ୍ୟକ୍ରମର ବାର୍ତ୍ତା ପହଞ୍ଚାଯାଇ ପାରିବ ।

ଯୋଗାଯୋଗ ସ୍ଥାପନର ଆଭିମୁଖ୍ୟକୁ ଅଧିକ ସହଭାଗିତା ମୂଳକ କରାଯିବ । କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ସକାଶେ ଗଣମାଧ୍ୟମର ସାହାଯ୍ୟ ନିଆଯାଇପାରେ, କିନ୍ତୁ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦିଆଯିବ ।

ଏହି ପର୍ଯ୍ୟାୟରେ ଗୋଷ୍ଠୀଭିତ୍ତିକ ସାମାଜିକ, ଧାର୍ମିକ, ଓ ରାଜନୈତିକ ସଂଗଠନ ତଥା ବ୍ୟକ୍ତିବିଶେଷ ଓ ଆଦିବାସୀ ସମାଜର ପରସ୍ପର ସଂଯୁକ୍ତ ବ୍ୟବସ୍ଥାର ସାହାଯ୍ୟ ନିଆଯାଇ ବ୍ୟକ୍ତି-ବ୍ୟକ୍ତିମଧ୍ୟରେ ମୁହାଁ ମୁହିଁ ସମ୍ପର୍କ ସ୍ଥାପନ କରାଯିବ ।

ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଭାବର ଆଦାନ ପ୍ରଦାନ, ପ୍ରଥମ ପର୍ଯ୍ୟାୟର ଚିହ୍ନିତ କାର୍ଯ୍ୟକ୍ରମର ଉନ୍ନତି ଉପରେ ପର୍ଯ୍ୟବେସିତ ହେବ । ମହିଳା ଗୋଷ୍ଠୀ, ବେତାର କାର୍ଯ୍ୟକ୍ରମ ମାଧ୍ୟମରେ ଉଦାହରଣ ଦିଆଯିବ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କାର୍ଯ୍ୟକ୍ରମ ସୁପାରିଶ କରାଯାଇଛି ।

## ମତାମତ ସଂଗ୍ରହ ମାଧ୍ୟମରେ ପ୍ରଗତି ବିଷୟରେ ଜାଣିବା

ସମସ୍ତ ଯୋଗାଯୋଗ କାର୍ଯ୍ୟକ୍ରମର ଫଳାଫଳ ଜାଣିବା ପାଇଁ ନିୟମିତ ଭାବେ ମତାମତ ସଂଗ୍ରହ କରାଯିବା ଓ କାର୍ଯ୍ୟକ୍ରମ ପରବର୍ତ୍ତୀ ଅନୁସନ୍ଧାନ ପ୍ରକ୍ରିୟା ଚାଲୁ ରଖିବାର ପ୍ରସ୍ତାବ ରହିଛି । ଯୋଗାଯୋଗ କାର୍ଯ୍ୟକ୍ରମ ଗୁଡିକୁ ଅଧିକ ଲୋକାଭିମୁଖୀ କରିବା ସକାଶେ ପ୍ରୟାସ କରାଯିବ, ଯାହା ଫଳରେ ଜନସାଧାରଣ କାର୍ଯ୍ୟକ୍ରମର ପରିକଳ୍ପନା ଓ ଅଗ୍ରଗତି ସମ୍ପର୍କରେ ସଂପୂର୍ଣ୍ଣ ଅବହିତ ରହିବେ । ଲୋକମାନଙ୍କଠାରୁ ମତାମତ ବିବରଣୀ ସଂଗ୍ରହକରି, ସେମାନଙ୍କ ସହ ବାର୍ତ୍ତାଳାପ କରି କିମ୍ବା ଯୋଗାଯୋଗ ବ୍ୟବସ୍ଥାର ସମୀକ୍ଷା କରି କାର୍ଯ୍ୟକ୍ରମର ପ୍ରଗତି ଜାଣିହେବ । କର୍ମକର୍ତ୍ତାଙ୍କ ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ଅନୁସାରେ ସେ ପରବର୍ତ୍ତୀ ପଦକ୍ଷେପରେ ସଂଶୋଧନ ଆଣିପାରିବେ ।

ଗୋଷ୍ଠୀର ସଭ୍ୟ, ପଞ୍ଚାୟତ ପ୍ରତିନିଧି, କାର୍ଯ୍ୟକ୍ରମର କର୍ମକର୍ତ୍ତା ଓ ସରକାରୀ କର୍ମଚାରୀଙ୍କ ସହଯୋଗରେ ନିୟମିତ ସମୀକ୍ଷା ବୈଠକର ଆୟୋଜନ କରାଯିବ । ସେମାନଙ୍କ ମତାମତ ଓ ଧାରଣାକୁ ସଂବାଦ ପତ୍ରିକା, ପ୍ରାଚୀର-ପତ୍ରିକା ଓ ୱେବ୍‌ସାଇଟ୍‌ରେ ଦିଆଯିବ ।

## ଗଣମାଧ୍ୟମ, ପ୍ରକଳ୍ପ କାର୍ଯ୍ୟରେ ଜଡିତ ବ୍ୟକ୍ତି, ସଂସ୍ଥା ଓ ଗୋଷ୍ଠୀର ସମର୍ଥନ ଲାଭପାଇଁ କାର୍ଯ୍ୟକ୍ରମ

ଗଣମାଧ୍ୟମ ପ୍ରଚାର ଓ ପ୍ରସାରଣର ଏକ ଶକ୍ତିଶାଳୀ ମାଧ୍ୟମ । ପ୍ରକଳ୍ପକାର୍ଯ୍ୟକ୍ରମର ସଫଳତା ଲାଗି ଏହାର ସହାୟତା ନିଆଯିବା ଉଚିତ । ଆଦିବାସୀଙ୍କ ଜୀବନଜୀବିକା, ସଶକ୍ତିକରଣ ଓ ସେମାନଙ୍କ ଉନ୍ନତି ପାଇଁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଅବିକଳ ଓ ବିସ୍ତୃତ ଖବର ଜାଣିବା ପାଇଁ ଯୋଗାଯୋଗ ବ୍ୟବସ୍ଥା କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଗଣମାଧ୍ୟମ ଓ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହ ଜଡ଼ିତ ବ୍ୟକ୍ତିମାନେ ପରସ୍ପର ସହଭାଗୀ ହୋଇ କାର୍ଯ୍ୟକରିବେ । ଯାହାଫଳରେ ଗଣମାଧ୍ୟମର ଯୋଗାଯୋଗ ବ୍ୟବସ୍ଥା ପ୍ରକଳ୍ପ କର୍ମକର୍ତ୍ତାଙ୍କୁ ଯୋଜନାର ସଫଳ ରୂପାୟନ ଦିଗରେ ଆଗେଇନେବେ । ଏହି ପଦ୍ଧତିରେ ଓଟିଇଏଲ୍‌ପି ର ବିକାଶ କ୍ଷେତ୍ରରେ ଜନସାଧାରଣଙ୍କୁ ଜଡ଼ିତ କରାଇବାରେ ଗଣମାଧ୍ୟମ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିପାରିବ । ସମ୍ପାଦକ ଓ ସ୍ତମ୍ଭକାରମାନଙ୍କୁନେଇ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର ସଫଳ କାହାଣୀ ଓ ଜନସାଧାରଣ ଉପକୃତ ହେବା ସମ୍ପର୍କରେ ଲେଖିବାକୁ ଉତ୍ସାହିତ କରାଯିବ ।

ଓଟିଇଏଲ୍‌ପି / କ୍ଷେତ୍ରୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଗଣମାଧ୍ୟମକୁ ପ୍ରକୃତ ସୂଚନା ପ୍ରଦାନ କରି ବିସ୍ତୃତ ଖବର ପ୍ରସାରଣ ପାଇଁ ପ୍ରୟାସ କରାଯିବ ।

## ଯୋଗାଯୋଗ କାର୍ଯ୍ୟକ୍ରମର ତଦାରଖ ଓ ମୂଲ୍ୟାୟନ

ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଜାଣିବା ପାଇଁ ତଦାରଖ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଏହାଦ୍ୱାରା ପ୍ରକଳ୍ପ କାର୍ଯ୍ୟକ୍ରମ ସବୁ ପୂର୍ବ ନିର୍ଦ୍ଧାରିତ ଯୋଜନାନୁଯାୟୀ ଚାଲୁଛି କି ନାହିଁ ଜଣାପଡ଼େ । ଆବଶ୍ୟକ ସ୍ଥଳେ ଲକ୍ଷ୍ୟ ହାସଲ ପଥରେ ବାଧାବିଘ୍ନ ଆଶଙ୍କା କରି ତାହାର ସଂଶୋଧନ ମଧ୍ୟ କରାଯାଇପାରେ ।

ମୂଲ୍ୟାୟନ ଏକ ଶୃଙ୍ଖଳିତ ପ୍ରକ୍ରିୟା, ଯେଉଁଥିରେ ତଥ୍ୟ ସଂଗ୍ରହ ଓ ସମୀକ୍ଷା କରାଯାଇ ପ୍ରକଳ୍ପର ନିର୍ଦ୍ଧାରିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅନୁରୂପ କାର୍ଯ୍ୟ ହେଉଛି କି ନାହିଁ ତାହାର ଆକଳନ କରାଯାଏ । ବିଫଳତାର କାରଣ ଓ ତାହାର ସମାଧାନର ପନ୍ଥା ସ୍ଥିର କରାଯାଇଥାଏ ।

ପ୍ରକଳ୍ପର କୌଶଳ ସଂରଚନା ଓ କାର୍ଯ୍ୟକାରୀତା ବେଳେ ଯୋଗାଯୋଗ କାର୍ଯ୍ୟକ୍ରମର ତଦାରଖ ଓ ମୂଲ୍ୟାଙ୍କନର ବ୍ୟବସ୍ଥା ରହିଥାଏ । ଯଦିଓ କାର୍ଯ୍ୟକ୍ରମର ସଫଳତା କେବଳ ଯୋଗାଯୋଗ ବ୍ୟବସ୍ଥାର ସଫଳତା ଉପରେ ପୂର୍ଣ୍ଣତଃ ନିର୍ଭର କରିନଥାଏ, ତଥାପି ମଝିରେ କାର୍ଯ୍ୟକ୍ରମ ଅଗ୍ରଗତିରେ ଯୋଗାଯୋଗ ବ୍ୟବସ୍ଥାର ଭୂମିକା ସମୀକ୍ଷା କରିବାକୁ ପଡ଼େ ।

### ତଦାରଖ ଫର୍ମାଟ ନିମ୍ନପ୍ରକାରେ ହେବା ଦରକାର :

- ଆବଶ୍ୟକ ଉପକରଣର ପ୍ରସ୍ତୁତି ଓ ତାହାର କ୍ଷେତ୍ର ପରୀକ୍ଷଣ ହୋଇଛି କି ନାହିଁ ?
- କ୍ଷେତ୍ର ପରୀକ୍ଷଣରେ ତୃଟି ଦେଖାଦେଲେ ତାହାର ସଂଶୋଧନ ହୋଇଛି କି ନାହିଁ ?
- ଉପକରଣ ବ୍ୟବହାରକାରୀ ତାଲିମ୍ ପାଇଛନ୍ତି କି ନାହିଁ ?
- ଉପକରଣ ଗୁଡିକ ହିତାଧିକାରୀ ଓ ପ୍ରକଳ୍ପରେ ସଂପୃକ୍ତ ବ୍ୟକ୍ତିବିଶେଷ ଓ ସଂସ୍ଥାକୁ ବିତରଣ କରାଯାଇଛି କି ନାହିଁ ?
- ଠିକ୍ ଢଙ୍ଗରେ ଉପକରଣର ଉପଯୋଗ ହେଉଛି କି ନାହିଁ ?

ଏଥି ସହ ମତାମତ ସଂଗ୍ରହର ଏକ କ୍ଷୁଦ୍ର, ଦ୍ରୁତ ଏବଂ ଭରସାଯୋଗ୍ୟ କୌଶଳ ମଧ୍ୟ ଯୋଗାଯୋଗ ନୀତିରେ ଅନ୍ତର୍ଭୁକ୍ତ ହେବା ଦରକାର ।

### ମତାମତ ସଂଗ୍ରହ ନିମ୍ନ ପ୍ରକାରେ ହେବ :

- ପ୍ରକଳ୍ପ ହିତାଧିକାରୀ ଙ୍କ ଉପକରଣରେ ଆଗ୍ରହ ।
- ଉପକରଣର ବ୍ୟବହାର ଜାଣିଛନ୍ତି କି ନାହିଁ ?
- ବ୍ୟବହୃତ କାର୍ଯ୍ୟସୂଚୀ, ଭାଷା ଓ ଚରିତ୍ର ମାନଙ୍କ ପ୍ରତି ହିତାଧିକାରୀଙ୍କ ପ୍ରତିକ୍ରିୟା କଣ ?
- ଦୃଶ୍ୟ ଉପକରଣର ଆଗ୍ରହ ଓ ଆକର୍ଷଣ ଅଛି କି ?
- ସ୍ଥାନୀୟ ପରିବେଶ ଓ ସଂସ୍କୃତି ସହ ଉପକରଣର ଅନୁକୂଳ ପ୍ରଭାବ ।
- ହିତାଧିକାରୀଙ୍କ ପରିସ୍ଥିତି ଇତ୍ୟାଦି ।

ସଂଗୃହୀତ ମତାମତ କ୍ରିୟାଭିମୁଖୀ ହେବା ଦରକାର । କାର୍ଯ୍ୟକ୍ରମର ସଫଳତା ଦୃଷ୍ଟିରୁ ଚଳନ୍ତି ପ୍ରକ୍ରିୟାକୁ ତୁରନ୍ତ ସଂଶୋଧିତ କରି ଅଧିକ ପ୍ରଭାବଶାଳୀ କରିବା ଉପରେ ଗୁରୁତ୍ୱ ଦିଆଯିବ । ଏହା ଯେପରି ମୁଖ୍ୟବାର୍ତ୍ତା ଓ ବ୍ୟବହୃତ ମାଧ୍ୟମରେ ସଂଶୋଧନ ଆଣି ପ୍ରକୃତ ହିତାଧିକାରୀଙ୍କ ପାଖରେ ସୁଫଳ ପହଞ୍ଚାଏ, ତାହା ଦେଖିବାକୁ ପଡ଼ିବ ।

ଯୋଗାଯୋଗ ଯୋଜନା ରୂପାୟନର ସଫଳତାର ମୂଲ୍ୟାଙ୍କନ ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏଥିରେ କାର୍ଯ୍ୟକ୍ରମର ଅଗ୍ରଗତି ବା ସଫଳତା ମପାଯାଇଥାଏ । ଅଧିକାଂଶ କ୍ଷେତ୍ରରେ କାର୍ଯ୍ୟକ୍ରମର ଗୁଣାତ୍ମକ ପରିବର୍ତ୍ତନ କରାଯାଇଥାଏ । ତେବେ ସମ୍ଭବ ହେଲେ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ପରିମାଣାତ୍ମକ ପରିବର୍ତ୍ତନ ପ୍ରତି ମଧ୍ୟ ଧ୍ୟାନ ଦିଆଯାଇପାରିବ । ଏଥିପାଇଁ ଯୋଗାଯୋଗ ସ୍ଥାପନକାରୀ ଉଦ୍ୟମର ସୂଚକ ପ୍ରକଳ୍ପରେ ଜନସାଧାରଣଙ୍କ ସହଭାଗୀତା ଭିତ୍ତିରେ ପ୍ରସ୍ତୁତ କରାଯିବ ।

ଓଟିଇଏଲ୍‌ପି ରେ ଆଭ୍ୟନ୍ତରୀଣ ତଦାରଖ କାର୍ଯ୍ୟକ୍ରମ ସନ୍ନିବେସିତ ହୋଇଛି । କିନ୍ତୁ ଯୋଗାଯୋଗ ବ୍ୟବସ୍ଥାରେ ତଦାରଖ ଓ ମୂଲ୍ୟାଙ୍କନ ଦିଗପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । ଯୋଗାଯୋଗ ସ୍ଥାପନ କାର୍ଯ୍ୟ ସଫଳତା ସୂଚକାଙ୍କରେ ମପାଯାଇପାରିବ । ବିଭିନ୍ନ କାର୍ଯ୍ୟପାଇଁ ଭିନ୍ନଭିନ୍ନ ସୂଚକ ଦର୍ଶାଯିବ ଏବଂ ଏହାର ଫଳାଫଳ ସ୍ପଷ୍ଟଭାବେ ଉଲ୍ଲେଖ ହେବ । ସେହିଭଳି ଯୋଗାଯୋଗ ରକ୍ଷା କାର୍ଯ୍ୟର ତଦାରଖ ପ୍ରକ୍ରିୟା ବିଭିନ୍ନ ସ୍ତରରେ (ରାଜ୍ୟ, ଜିଲ୍ଲା, ବ୍ଲକ, ପଞ୍ଚାୟତ ଓ ଗ୍ରାମ) କରାଯିବ । ସଂଯୋଗ ପତ୍ର-୩ରେ ଏ ସଂପର୍କରେ ସୂଚନା ଦିଆଯାଇଛି ।

କାର୍ଯ୍ୟକ୍ରମ ଆରମ୍ଭ ବେଳେ ଲୋକଙ୍କ ମାନସିକତା ଆକଳନକରି,ପ୍ରକଳ୍ପର ଅଗ୍ରଗତି ମଝିରେ ପୁଣି ସମୀକ୍ଷା କରାଯିବ । ଆବଶ୍ୟକ ହେଲେ ଯୋଗାଯୋଗ ବ୍ୟବସ୍ଥାରେ ଆବଶ୍ୟକୀୟ ସଂଶୋଧନ କରାଯିବ । ଶେଷରେ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଲୋକଙ୍କର ମାନସିକ ସ୍ଥିତିରେ ପରିମାଣାତ୍ମକ ଓ ଗୁଣାତ୍ମକ ପରିବର୍ତ୍ତନ ଆକଳନ କରାଯିବ ।

# ଯୋଗାଯୋଗ ସ୍ଥାପନ ରଣନୀତିର ପ୍ରୟୋଗ

ପ୍ରସ୍ତାବିତ ଯୋଗାଯୋଗ ରଣନୀତି କହିଲେ କେନ୍ଦ୍ର ସ୍ତରରେ ପ୍ରସ୍ତୁତ ହୋଇଥିବା ମୁଖ୍ୟ ବାର୍ତ୍ତା, ଗଣ ମାଧ୍ୟମର ସମର୍ଥନ ସୂଚକ କାର୍ଯ୍ୟକ୍ରମ, ଆବଶ୍ୟକତା ଅନୁସାରେ ପ୍ରସ୍ତୁତ ଯୋଜନା ଓ ଆଇଟିଡିଏ/ ଆଦିବାସୀଙ୍କ ଉପଯୋଗୀ ନୀତିସହ ସ୍ଥାନୀୟ ଜ୍ଞାନ କୌଶଳର ମିଶ୍ରଣକୁ ବୁଝାଏ । ଏହା ଉପଯୁକ୍ତ ମାଧ୍ୟମ, ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ ଉଦ୍ଦିଷ୍ଟ ହିତାଧିକାରୀ ମାନଙ୍କୁ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଉତ୍ସାହିତ ଓ ଅନୁପ୍ରେରିତ କରିଥାଏ । ମୂଳ ପଦ୍ଧତିରେ ପ୍ରକଳ୍ପର ମୋଟାମୋଟି ରୂପରେଖ ବର୍ଣ୍ଣନା କରାଯାଇଥାଏ । କିନ୍ତୁ ଜିଲ୍ଲା ତଥା ଆଇଟିଡିଏ କର୍ତ୍ତୃପକ୍ଷ ନିଜ ଅଞ୍ଚଳ ତଥା ଉଦ୍ଦିଷ୍ଟ ଅଧିବାସୀଙ୍କ ଆବଶ୍ୟକତା ଅନୁସାରେ ବିଭିନ୍ନ ସମସ୍ୟାର ବିଶ୍ଳେଷଣ କରି ସ୍ଥାନୀୟ ସଂସ୍କୃତି ଓ ଚଳଣିକୁ ଆଧାର କରି ଏହି ଯୋଗା ଯୋଗ ପଦ୍ଧତି ବା ଢାଞ୍ଚାରେ ପରିବର୍ତ୍ତନ କରିଥାନ୍ତି ।

ଦ୍ୱିତୀୟ ପର୍ଯ୍ୟାୟ ଓଟିଇଏଲ୍‌ପି ରେ ସାମିଲ କରାଯାଇଥିବା ବ୍ଲକମାନଙ୍କରେ ଯୋଗାଯୋଗ ରଣନୀତି କାର୍ଯ୍ୟକାରୀ କରିବା ପାଇଁ ପର୍ଯ୍ୟାୟକ୍ରମିକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଧାରଣା ଦିଆଯାଇଥାଏ । ପ୍ରଥମ ବର୍ଷ ଶେଷ ଆଡକୁ ଲୋକମାନଙ୍କ ବ୍ୟବହାରରେ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ଯୋଗାଯୋଗ କୌଶଳର ବିନିଯୋଗ କରାଯାଇପାରେ ।

## ଯୋଗାଯୋଗ ରଣନୀତି ପ୍ରୟୋଗ କରିବା ନିମନ୍ତେ କେତେକ ସୁପାରିଶ

ଯୋଗାଯୋଗ ରଣନୀତି ବା କୌଶଳର ସମୟୋପଯୋଗୀ ଏବଂ ଫଳପ୍ରଦ ପ୍ରୟୋଗ ଆବଶ୍ୟକ । ପ୍ରକଳ୍ପର ମୂଳ ନୀତି ଅନୁସାରେ ଯୋଗାଯୋଗ ବ୍ୟବସ୍ଥା ହେବ ସହଭାଗୀତାମୂଳକ ଅର୍ଥାତ୍ ଏଥିରେ ପ୍ରତ୍ୟେକ ଲୋକ ଅଂଶ ଗ୍ରହଣ କରିବେ । ତେବେ ଏହି ବ୍ୟବସ୍ଥାରୁ ସର୍ବାଧିକ ସୁଫଳ ଲାଭ ନିମନ୍ତେ ଯୋଗାଯୋଗ କାର୍ଯ୍ୟକ୍ରମର କ୍ରମନିୟମ ପ୍ରସ୍ତୁତ କରିବା ଆବଶ୍ୟକ ।

❖ ରଣନୀତି ରୂପାୟନ:

ଯୋଗାଯୋଗ ରଣନୀତିର ସଫଳ ପ୍ରୟୋଗ ନିମନ୍ତେ କ୍ରମାନ୍ୱୟରେ ଯୋଗାଯୋଗ କାର୍ଯ୍ୟକ୍ରମ ସ୍ଥିର କରିଦିଆଯାଉ ଏବଂ କାର୍ଯ୍ୟକ୍ରମ ସହାୟକ କେନ୍ଦ୍ରପକ୍ଷରୁ ଏଥିନିମନ୍ତେ ଏକ ପଦବୀ ନିର୍ଦ୍ଦିଷ୍ଟ କରାଯାଉ; ଯିଏକି ଏହି ସବୁ କାର୍ଯ୍ୟକ୍ରମ ଯେପରି ସୁବିଧାରେ ଚାଲେ, ତାହାର ତଦାରଖ କରିବେ ।

❖ ଯୋଗାଯୋଗ ପ୍ରକଳ୍ପ କେନ୍ଦ୍ର:

ସମସ୍ତ ଯୋଗାଯୋଗ କାର୍ଯ୍ୟକ୍ରମ ନିମନ୍ତେ ନାମକରଣ ସହ ଗୋଟିଏ ଯୋଗାଯୋଗ ପ୍ରକଳ୍ପ କେନ୍ଦ୍ର, ସ୍ଥାପନ କରାଯାଉ । ଏହାସହ ପ୍ରକଳ୍ପର ନାମ, ଚିହ୍ନଟ ଏବଂ ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଲାଭଳି ସ୍ଲୋଗାନ ପ୍ରସ୍ତୁତ କରାଯାଉ । ଏହାଫଳରେ ବିଭିନ୍ନ ପ୍ରକାର ଯୋଗାଯୋଗ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରହିବ।

❖ ଯୋଗାଯୋଗ ଉପାଦାନର ପ୍ରସ୍ତୁତି ଓ ଉତ୍ପାଦନ:

ଯୋଗାଯୋଗ ନିମନ୍ତେ ଆବଶ୍ୟକୀୟ ଉପାଦନ ପ୍ରସ୍ତୁତ କଲାପରେ ଏହା ଯେଉଁମାନଙ୍କ କାମରେ ଲାଗିବ, ସେହିଭଳି କିଛି ଲୋକଙ୍କ ଦ୍ୱାରା ଏହାର ପ୍ରାକ୍ ପରୀକ୍ଷଣ ଦରକାର । ଲୋକେ ଯେପରି ତାହା ବୁଝି ପାରୁଥିବେ ଏବଂ ତାହା ଯେପରି ଲୋକଙ୍କ ଉପରେ ଉପଯୁକ୍ତ ପ୍ରଭାବ ପକାଇ ପାରୁଥିବ । ପ୍ରାକ୍ ପରୀକ୍ଷଣ ସମୟରେ ଉପାଦାନରେ କିଛି ତ୍ରୁଟି ବିଚ୍ୟୁତି ଦେଖାଦେଲେ, ତାହାକୁ ସୁଧାରି ଦିଆଯିବ ଏବଂ ତାପରେ ସେହି ଉପାଦାନ ଅଧିକ ପରିମାଣରେ ସଂଗ୍ରହ କରାଯିବ । ଯେଉଁ ପ୍ରକାର ସଂସ୍ଥା ଏହିଭଳି କାର୍ଯ୍ୟ କରୁଥିବେ, ସେହି ପ୍ରକାର ଅଭିଜ୍ଞତା ସଂପନ୍ନ ଗୋଟିଏ ସଂସ୍ଥାକୁ ଆବଶ୍ୟକୀୟ ଉପାଦାନ ଯୋଗାଣ ନିମନ୍ତେ ଠିକା ଦିଆଯାଇପାରେ । ଉପାଦାନ ପ୍ରସ୍ତୁତି ସମୟରେ ପ୍ରକଳ୍ପ ସହାୟକ କେନ୍ଦ୍ର / ଆଇଟିଡିଏ ର କର୍ମକର୍ତ୍ତା ଏବଂ ସାଧାରଣ ଲୋକ ମିଳିତ ଭାବେ ଉପସ୍ଥିତ ରହି ମୁଖ୍ୟ ଉପାଦାନ ଗୁଡିକର ବୈଷୟିକ ନିର୍ଭୁଲତା ତଥା ଉପଯୋଗୀତା ସମ୍ପର୍କରେ ସହମତ ହେବା ଆବଶ୍ୟକ ।

❖ ଗୋଟିଏ ନାମିତ ପ୍ରକଳ୍ପ କେନ୍ଦ୍ର ଓ ସର୍ବ ସାଧାରଣଙ୍କ ପାଇଁ ପର୍ଯ୍ୟାୟକ୍ରମିକ ଯୋଗାଯୋଗ କାର୍ଯ୍ୟକ୍ରମ:

ଏହି କାର୍ଯ୍ୟକ୍ରମ ତିନିବର୍ଷ ଧରି ଚାଲିବ, ଏଥି ପାଇଁ ଏକ ନାମିତ ପ୍ରକଳ୍ପ କେନ୍ଦ୍ର ସ୍ଥାପନ ଆବଶ୍ୟକ । ପ୍ରଥମ ବର୍ଷ ପ୍ରଥମ ପର୍ଯ୍ୟାୟରେ ଗଣମାଧ୍ୟମ ଓ ଗୋଷ୍ଠୀ ମାଧ୍ୟମରେ ପ୍ରଚାର କାର୍ଯ୍ୟକ୍ରମ ହାତକୁ ନିଆଯିବ । ଓଟିଇଏଲ୍‌ପି ର ଶୁଭାରମ୍ଭ ଦିନ ଚାରିଆଡେ ବ୍ୟାପକ ପ୍ରଚାର ଅଭିଯାନ ହେବ । ଦ୍ୱିତୀୟ ବର୍ଷ ଆଦିବାସୀଙ୍କ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଓ ସଶକ୍ତିକରଣ ସମ୍ପର୍କରେ ପ୍ରଚାର ଚଳାଇ ଲୋକଙ୍କ ମନୋଭାବରେ ଏହି କାର୍ଯ୍ୟକ୍ରମ ପ୍ରତି ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ପଡିବ । ଦ୍ୱିତୀୟ ପର୍ଯ୍ୟାୟ ଯୋଗାଯୋଗ ବ୍ୟବସ୍ଥାରେ ବିଶେଷକରି ପରସ୍ପର ମଧ୍ୟରେ ଆଲୋଚନା ଓ ସାମାଜିକ ଜାଗୃତି ଉପରେ ଗୁରୁତ୍ୱ ଦିଆଯିବ । ଅଭିଯାନ ସମୟରେ ଗଣମାଧ୍ୟମ କାର୍ଯ୍ୟକ୍ରମକୁ ସହାୟକ ଭାବେ ବ୍ୟବହାର କରାଯିବ ।

❖ ସୂଚନା ସମ୍ବଳିତ ଉପାଦାନ ବଣ୍ଟନ:

ଲୋକେ ଯେତେବେଳେ ଜଳବିଭାଜିକା ପ୍ରକଳ୍ପ ସମ୍ପର୍କରେ ପୂର୍ବ ପ୍ରଚାର ମାଧ୍ୟମରେ ଆଗ୍ରହାନ୍ୱିତ ହୋଇ ଅଧିକ ତଥ୍ୟ ଜାଣିବାକୁ ଚାହିଁବେ, ସେତେବେଳେ ଏହି ସୂଚନା ସମ୍ବଳିତ ଉପାଦାନ ମାନ ଦକ୍ଷତାରସହ ଆବଶ୍ୟକତା ଅନୁସାରେ ବଣ୍ଟନ କରାଯିବ । ଯାହା ଫଳରେ ଜନସାଧାରଣଙ୍କର ପ୍ରକଳ୍ପ ପ୍ରତି ଆଗ୍ରହ ଓ ସମର୍ଥନ ବୃଦ୍ଧି ପାଇବ ।

❖ ମାର୍ଚ୍ଚ ମାସରେ 'ସଶକ୍ତିକରଣ ଦିବସ' ପାଳନ:

ମାର୍ଚ୍ଚ ମାସରେ 'ସଶକ୍ତିକରଣ ଦିବସ' ପାଳନ ଅବସରରେ କିଛି ଆଗ୍ରହଥିବା ବ୍ୟକ୍ତିଙ୍କୁ ସମ୍ମାନିତ ତଥା ପୁରସ୍କୃତ କରାଯିବ । ଏହାଫଳରେ ଆଦିବାସୀଙ୍କ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ରତି ଲୋକଙ୍କର ଆଗ୍ରହ ବଢିବ । ଜଳବିଭାଜିକା ପ୍ରକଳ୍ପରେ ସେମାନେ ଅଂଶୀଦାର ହେବାକୁ ମନ ବଳାଇବେ ଏବଂ ଜଳବିଭାଜିକା ପ୍ରକଳ୍ପରୁ କିପରି ସର୍ବାଧିକ ସୁବିଧା ହାସଲ କରିହେବ ସେ ସମ୍ପର୍କରେ ଜାଣି ପାରିବେ ।

## ରାଜ୍ୟସ୍ତରରେ ରୂପାୟନ

ଓଟିଇଏଲ୍‌ପି କାର୍ଯ୍ୟକାରୀ କରିବାରେ **'କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର'** ହେଉଛି ମୁଖ୍ୟ ନିର୍ବାହୀ । କାର୍ଯ୍ୟକ୍ରମର ପ୍ରତ୍ୟେକ ସ୍ତର ନିମନ୍ତେ ଆବଶ୍ୟକ ହେଉଥିବା ଯୋଗାଯୋଗ ବ୍ୟବସ୍ଥାର ଏହା ହେଉଛି କର୍ତ୍ତା । ଆଇଟିଡିଏ ପକ୍ଷରୁ ପ୍ରଦତ୍ତ ଯୋଗାଯୋଗ ଉପାଦାନ କେତେ ପରିମାଣରେ ଆବଶ୍ୟକ ତାହା ଜାଣିବାପରେ ଏହି ବ୍ୟବସ୍ଥା ନିମନ୍ତେ କାର୍ଯ୍ୟକ୍ରମ ସହାୟକ କେନ୍ଦ୍ରକୁ ଯଥେଷ୍ଟ ଅର୍ଥ ମଞ୍ଜୁର କରିବାକୁ ପଡିପାରେ । ଓଟିଇଏଲ୍‌ପି ର ସଫଳ ରୂପାୟନ ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଏହା ସମସ୍ତଙ୍କୁ ଅବଗତ କରାଇଦେଇପାରେ । ରାଜ୍ୟସ୍ତରରେ ସଂପୃକ୍ତ ଅନ୍ୟାନ୍ୟ ବିଭାଗ, ନାଗରିକ ଓ ସହଯୋଗୀ ଅନୁଷ୍ଠାନମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅଂଶୀଦାର ହେବାକୁ ଉତ୍ସାହିତ କରିପାରେ ।

କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର'ରେ ଯୋଗାଯୋଗ ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ଦାୟିତ୍ୱ ନିଜେ ପ୍ରକଳ୍ପ ଅଧିକାରୀ କିମ୍ବା ଯୋଗାଯୋଗ ବିଶେଷଜ୍ଞଙ୍କ ଉପରେ ନ୍ୟସ୍ତଥାଏ ।

ଯୋଗାଯୋଗ ରଣନୀତିର ସଫଳ ରୂପାୟନ କ୍ଷେତ୍ରରେ କାର୍ଯ୍ୟକ୍ରମ ସହାୟକ କେନ୍ଦ୍ରର ନିମ୍ନ ଭୂମିକାମାନ ରହିଛି ;

- ❖ ଯୋଗାଯୋଗ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରଣୟନ ।
- ❖ ଯୋଗାଯୋଗ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ ଓ ତଦାରଖ ।
- ❖ ଯୋଗାଯୋଗ କାର୍ଯ୍ୟକ୍ରମ ପାଇଁ ଅର୍ଥ ବ୍ୟବସ୍ଥା ।
- ❖ ଜିଲ୍ଲାମାନଙ୍କୁ ସହାୟତା ।
- ❖ ଆଞ୍ଚଳିକ ଭାଷାରେ ଯୋଗାଯୋଗ ଉପାଦାନ ପ୍ରସ୍ତୁତି ।
- ❖ ଜଳଛାୟା ପ୍ରକଳ୍ପ ପ୍ରତି ସମର୍ଥନ ଯୋଗାଡ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ ।
- ❖ ସଚେତନତା ସୃଷ୍ଟି, ଜନ ସମୁଦାୟଙ୍କ ମଧ୍ୟରେ ଜାଗୃତି ଓ ଯୋଗାଯୋଗ ଯୋଜନାର, ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦିଗରେ ଜିଲ୍ଲା ଓ ଆଇଟିଡିଏ କର୍ମଚାରୀଙ୍କ ଦକ୍ଷତା ବିକାଶ ।

କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର, ଆଇଟିଡିଏ ଏବଂ କ୍ଷେତ୍ରୀୟ ବେସରକାରୀ ସଂଗଠନଙ୍କ ସହ ମିଶି ଯୋଗାଯୋଗ ଉପାଦାନ ପ୍ରସ୍ତୁତ କରିବେ । ଏହି କେନ୍ଦ୍ର ମଧ୍ୟ ଆଇଟିଡିଏ ସାହାଯ୍ୟରେ ଯୋଗାଯୋଗ ତାଲିମ୍ କାର୍ଯ୍ୟକ୍ରମ ନିମନ୍ତେ ପ୍ରଶିକ୍ଷକ ଯୋଗାଡ କରିବେ । ତାଲିମ କାର୍ଯ୍ୟର ଦିନ ସ୍ଥିର କରିବା, ବିଭିନ୍ନ ପ୍ରଶିକ୍ଷକ ତଥା ତାଲିମ୍ ନେବାକୁ ଥିବା ବ୍ୟକ୍ତିମାନଙ୍କୁ ଡକାଇବା ଏବଂ ତାଲିମ୍ କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରିବେ । 'କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର' ଯୋଗାଯୋଗ ତାଲିମ କାର୍ଯ୍ୟକ୍ରମର ଅନୁଶୀଳନ, ତଦାରଖ ଓ ମୂଲ୍ୟାୟନ କରି ଯୋଗାଯୋଗ କାର୍ଯ୍ୟକ୍ରମରେ ଆବଶ୍ୟକୀୟ ସଂଶୋଧନ କରିବେ ।

#### ରାଜ୍ୟ ସ୍ତରରେ ଗଣମାଧ୍ୟମ ୟୁନିଟ୍ ନିମନ୍ତେ ନିମ୍ନୋକ୍ତ ଦାୟିତ୍ୱ ରହିଛି

- ❖ ଆଇଟିଡିଏ ଏବଂ ଜିଲ୍ଲା ସ୍ତରୀୟ ବ୍ୟବହାର ନିମନ୍ତେ ଯୋଗାଯୋଗ ଉପାଦାନ ଗୁଡିକର ପ୍ରାକ୍ ପରୀକ୍ଷଣ କରାଇବେ ।
- ❖ କେନ୍ଦ୍ରୀୟ ସ୍ତରରେ ପ୍ରସ୍ତୁତ ଗଣମାଧ୍ୟମ ଉପାଦାନମାନ ବଣ୍ଟନ ଦ୍ୱାରା ଜଳବିଭାଜିକା ପ୍ରକଳ୍ପ ସମ୍ପର୍କରେ ତଥ୍ୟ ଆଦାନ ପ୍ରଦାନର ସୁଯୋଗ ସୃଷ୍ଟି କରିବେ ।
- ❖ ଯୋଗାଯୋଗ ଅଭିଯାନ ପରେ ତାହାର ପ୍ରଭାବ ସମ୍ପର୍କରେ ମତାମତ ସଂଗ୍ରହ କରିବେ ।
- ❖ କେନ୍ଦ୍ରସ୍ତରରେ ପ୍ରସ୍ତୁତ ଉପାଦାନ ଯେପରି କାର୍ଯ୍ୟକ୍ରମ ଉପଯୋଗୀ ହୋଇଥାଏ, ସେ ଦିଗରେ ଧ୍ୟାନ ଦେବେ ।
- ❖ ଗଣ ମାଧ୍ୟମର ସଫଳତାରେ ଅଂଶୀଦାର ହେବେ ।

### ଜିଲ୍ଲାସ୍ତରରେ ରୂପାୟନ

ତାଲିମ ତଥା ତଥ୍ୟ ପ୍ରଚାର କ୍ଷେତ୍ରରେ ଜିଲ୍ଲା ଗୋଟିକ ହେଉଛି, ରାଜ୍ୟ ତଥା ଗ୍ରାମାଞ୍ଚଳ ମଧ୍ୟରେ ଯୋଗାଯୋଗର ସେତୁ । ଜିଲ୍ଲାସ୍ତରରେ ଓଟିଇଏଲ୍‌ପି କାର୍ଯ୍ୟକ୍ରମ ସଂପର୍କରେ ତାଲିମ ପ୍ରଦାନର ସମୟ ସ୍ଥିରକରିବା, ତାଲିମ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆଗେଇନେବା ତଥା ତାହାର ତଦାରଖ କରିବା ହେଉଛି ଆଇଟିଡିଏ ର ଦାୟିତ୍ୱ । ଏହି ଦାୟିତ୍ୱ ନିର୍ବାହ କରିବେ ଆଇଟିଡିଏର ଦକ୍ଷତା ବିକାଶ ବିଶେଷଜ୍ଞ । ସେ ତାଲିମ କାର୍ଯ୍ୟକ୍ରମରେ ଯେପରି ଉଚ୍ଚପଦସ୍ଥ ବିଷୟ ବିଶେଷଜ୍ଞ, ପଞ୍ଚାୟତ ପ୍ରତିନିଧି ତଥା ବେସରକାରୀ ସଂଗଠନ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ସଂଗଠନର କର୍ମଚାରୀମାନେ ଭାଗନିଅନ୍ତି, ତାହା ସୁନିଶ୍ଚିତ କରାଇବେ ।

ଜିଲ୍ଲାସ୍ତରରେ ହେଉ କି ଆଇଟିଡିଏ ସ୍ତରରେ ହେଉ, ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ପ୍ରସ୍ତୁତ ଯୋଗାଯୋଗ ଉପାଦାନ ବଣ୍ଟନ କରିବା ସହ ପ୍ରକଳ୍ପର ସଫଳତା ଦିଗରେ କିଛି ଅଭିନବ ଚିନ୍ତାଧାରା ପ୍ରକାଶ କରିବେ । କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର ଓ ଓଟିଇଏଲ୍‌ପି ଏହାର ନେତୃତ୍ୱ ନେଲେ ମଧ୍ୟ ଜିଲ୍ଲାସ୍ତରୀୟ ସଂପୃକ୍ତ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ନିମନ୍ତେ ଯୋଜନା କରିବେ ଏବଂ ଆବଶ୍ୟକତା ଅନୁସାରେ ଯୋଗାଯୋଗ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବେ । ଯୋଗାଯୋଗ ସହାୟକ କେନ୍ଦ୍ର ଏବଂ ଆଇଟିଡିଏ ମଧ୍ୟରେ ବିଭିନ୍ନ ତଥ୍ୟର ଆଦାନ ପ୍ରଦାନ ଚାଲିବ ।

ଜିଲ୍ଲାସ୍ତରରେ ସରକାରୀ ୱେବ୍‌ସାଇଟ୍‌ରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ସାଧନ କେନ୍ଦ୍ର ପ୍ରତିଷ୍ଠା, ଏଦିଗରେ ପ୍ରଥମ ପଦକ୍ଷେପ । ଏଥିରେ ସମୟକ୍ରମେ ମିଳୁଥିବା ନୂତନ ତଥ୍ୟ ସନ୍ନିବେସିତ କରି ଏହାକୁ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରାଯିବା ଉଚିତ ।

ସବୁଠାରୁ ଅଗମ୍ୟ ଅଞ୍ଚଳ ତଥା ଯେଉଁ ଲୋକମାନଙ୍କ ପାଖରେ ସହଜରେ ପହଞ୍ଚିହୁଏ ନାହିଁ, ସେଠାରେ ସେମାନଙ୍କ ପାଖରେ ପହଞ୍ଚି ଜଳବିଭାଜିକା ପ୍ରକଳ୍ପ ସୁଫଳର ବାର୍ତ୍ତା ପହଞ୍ଚାଇବା ଜିଲ୍ଲା ତଥା ସ୍ଥାନୀୟ କର୍ମକର୍ତ୍ତାମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ।

ଓଟିଇଏଲ୍‌ପି ର ମୁଖ୍ୟ ବାର୍ତ୍ତାକୁ ସ୍ଥାନୀୟ ପାଠୁଆ ଲୋକଙ୍କ ସାହାଯ୍ୟରେ ସ୍ଥାନୀୟ ଭାଷାରେ ସ୍ଥାନୀୟ ଲୋକଙ୍କ ହୃଦୟକୁ ଛୁଇଁ ପାରିବାଭଳି ଏହି କାର୍ଯ୍ୟ ଫଳରେ ସେମାନଙ୍କର ଯେ ଲାଭ ହେବ ଢଙ୍ଗରେ ପ୍ରଚାର କରିବା ଆବଶ୍ୟକ । ଏହି କାର୍ଯ୍ୟଫଳରେ ସେମାନଙ୍କର ଯେ ଲାଭ ହେବ ତାହା ସେମାନେ ଯେପରି ଅନୁଭବ କରନ୍ତି, ତେଣୁ ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ପ୍ରଭାବିତ କରିବା ପାଇଁ ଯୋଜନା କଲାବେଳେ ଜିଲ୍ଲାସ୍ତରରେ ଟିକେ କୋହଳ ନୀତି ନିୟମ ଅନୁସରଣ କରିବା ଆବଶ୍ୟକ ।

### ଗ୍ରାମସ୍ତରରେ ରୂପାୟନ

ଗ୍ରାମ୍ୟ ଉନ୍ନୟନ କମିଟି, ଗ୍ରାମ୍ୟସ୍ତରୀୟ ସବ୍‌କମିଟି, ଗ୍ରାମ୍ୟସ୍ତରୀୟ ସାମାଜିକ ଓ ଆର୍ଥିକ ସମୀକ୍ଷା ସବ୍‌କମିଟି ହେଲା ଲୋକଙ୍କର ତୃଣମୂଳ ଅନୁଷ୍ଠାନ ମାନ । ଏହି ମାନଙ୍କ ଜରିଆରେ ଯୋଗାଯୋଗ କାର୍ଯ୍ୟକ୍ରମ ଗୁଡିକ କରାଯାଇଥାଏ । ଏହିମାନେ ହିଁ ଲୋକମାନଙ୍କ ଭିତରେ ନୂତନ ଜାଗରଣ ସୃଷ୍ଟି କରିଥାନ୍ତି । ତେଣୁ ଏହି ଅନୁଷ୍ଠାନମାନେ ଗାଁ ଲୋକଙ୍କୁ ପରାମର୍ଶ ପ୍ରଦାନକାର୍ଯ୍ୟ ପାଇଁ ଉପଯୁକ୍ତ ତାଲିମ୍ ଦେବା ଆବଶ୍ୟକ । ଏମାନଙ୍କୁ ଯୋଗାଯୋଗ ଉପାଦାନ ଓ ଉପକରଣ ଯଥେଷ୍ଟ ପରିମାଣରେ ମିଳିବା ଉଚିତ ଏବଂ ଏମାନେ ଏହିସବୁ ଉପାଦାନ ଓ ଉପକରଣ ଉପଯୁକ୍ତଭାବେ ବ୍ୟବହାର କରି ଶିଖିବା ଆବଶ୍ୟକ । ଏମାନଙ୍କ ଅନୁଷ୍ଠାନରେ ଏହିସବୁ ଉପାଦାନ ପ୍ରଦର୍ଶିତ ହେବା ମଧ୍ୟ ଦରକାର ।

ଏହି ଅନୁଷ୍ଠାନମାନଙ୍କ ଦ୍ୱାରା ଜଳବିଭାଜିକା ପ୍ରକଳ୍ପ ଦ୍ୱାରା ଉପକୃତ କୃଷକ ମାନଙ୍କୁ ଠାବକରି ସେମାନଙ୍କର ସଫଳ କାହାଣୀ ଲିପିବଦ୍ଧ କରି ସେଥିରୁ ଯୋଗାଯୋଗ ଉପାଦାନ ପ୍ରସ୍ତୁତ କରିବା ଆବଶ୍ୟକ । ଓଟିଇଏଲ୍‌ପି ଯାହା କାର୍ଯ୍ୟକ୍ରମ କରୁଛି, ସାଧାରଣ ଲୋକେ ଯେ ତାହାର ମାଲିକ, ଏକଥା ଲୋକମାନଙ୍କୁ ବୁଝାଇଦେବା ଦରକାର । ଏହା ସହିତ ଗ୍ରାମସ୍ତରୀୟ ସୂଚନା କେନ୍ଦ୍ର ପ୍ରତିଷ୍ଠା ହେବା ଆବଶ୍ୟକ । ଏହାକୁ ଗ୍ରାମର ମୁଖିଆଲୋକ ତଥା ଗ୍ରାମ୍ୟ ସ୍ୱେଚ୍ଛାସେବୀ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ପରିଚାଳନା କରିବା ଉଚିତ୍ ।

#### ୧ମ ପଦକ୍ଷେପ:

ଓଟିଇଏଲ୍‌ପି ଯୋଗାଯୋଗ ରଣନୀତିର ସଫଳ ରୂପାୟନ ନିମନ୍ତେ ରାଜ୍ୟ ତଥା ଜିଲ୍ଲାସ୍ତରରେ 'ଯୋଗାଯୋଗ ପରାମର୍ଶଦାତା' ରହିବା ଆବଶ୍ୟକ । ବର୍ତ୍ତମାନର କାର୍ଯ୍ୟକ୍ରମରେ ଏପରି ବ୍ୟବସ୍ଥା ନାହିଁ । ଆମର ସୁପାରିଶ୍ ଯେ 'ଦକ୍ଷତା ବିକାଶ ପ୍ରୋଗ୍ରାମ୍ ଅଫିସର୍'ଙ୍କୁ କାର୍ଯ୍ୟକ୍ରମ ସହାୟକ କେନ୍ଦ୍ରର ଯୋଗାଯୋଗ ପରାମର୍ଶଦାତା ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରିବାର ଦାୟିତ୍ୱ ଦିଆଯାଉ । ସେହିଭଳି କ୍ଷେତ୍ରୀୟ ବେସରକାରୀ ସଂଗଠନର 'ଜଳବିଭାଜିକା ଉନ୍ନୟନ ଦଳ'ଙ୍କୁ କ୍ଷେତ୍ରୀୟ ସ୍ତରରେ ସମନ୍ୱୟ ରକ୍ଷା ଦାୟିତ୍ୱ ଦିଆଯାଉ ।

ଏହା ଦୁଇଟି କାରଣରୁ ଗୁରୁତ୍ୱପୂର୍ଣ୍ଣ :

୧) ପ୍ରକଳ୍ପର ପ୍ରତ୍ୟେକ ବ୍ୟକ୍ତି ଯୋଗାଯୋଗ ରକ୍ଷା କରୁଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ବ୍ୟବସ୍ଥା ନିମନ୍ତେ ସ୍ୱତନ୍ତ୍ର ଦକ୍ଷତା ସଂପନ୍ନ ବୈଷୟିକ ତାଲିମପ୍ରାପ୍ତ ବ୍ୟକ୍ତି ଆବଶ୍ୟକ । ଯାହା ଫଳରେ ଯୋଗାଯୋଗ କାର୍ଯ୍ୟକ୍ରମ ସୁଚିନ୍ତିତ ଯୋଜନା ଅନୁସାରେ ସୂଚାରୁରୂପେ ଓ ଶୃଙ୍ଖଳିତ ଢଙ୍ଗରେ ପରିଚାଳିତ ହେବ ଏବଂ

୨) ତାକୁ ତଦାରଖ କରାଯିବା କାର୍ଯ୍ୟକ୍ରମ ଶେଷରେ ମତାମତ ସଂଗ୍ରହ କରିହେବ ଏବଂ କାର୍ଯ୍ୟକ୍ରମର ସଫଳତା ବିଫଳତା ନିମନ୍ତେ ଯୋଗାଯୋଗ ପରାମର୍ଶଦାତାଙ୍କୁ ଉତ୍ତରଦାୟୀ କରାଯାଇପାରିବ ।

## ୨ୟ ପଦକ୍ଷେପ: କାର୍ଯ୍ୟସୂଚୀ ପ୍ରସ୍ତୁତି ଓ ଆର୍ଥିକ ବ୍ୟବସ୍ଥା

କାର୍ଯ୍ୟକ୍ରମର ସଫଳତା ନିମନ୍ତେ ପୂର୍ବରୁ କାହାପରେ କେଉଁକାର୍ଯ୍ୟ କରାଯିବ ସେଥିପାଇଁ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ ହେବା ଉଚିତ । ଏଥିରେ ପ୍ରତ୍ୟେକ ଅଂଶ କାର୍ଯ୍ୟକାରୀ କରାଯିବାର କ୍ରମ ନିର୍ଦ୍ଧାରିତ ହେବ । ଯାହାଫଳରେ କାର୍ଯ୍ୟକ୍ରମର ଅଗ୍ରଗତି ଯଥାର୍ଥ ଭାବେ ସାଧିତ ହେବ ଏବଂ ଯୋଗାଯୋଗ ଓ କାର୍ଯ୍ୟକ୍ରମ ବ୍ୟବସ୍ଥାରେ କିଛି ତ୍ରୁଟି ଥିଲେ ସଂଶୋଧନ କରାଯାଇପାରିବ । ପ୍ରତ୍ୟେକ ଜିଲ୍ଲାରେ ଏଭଳି ଭାବରେ କାର୍ଯ୍ୟସୂଚୀ ପ୍ରସ୍ତୁତ ହେବ, ଯେପରି ସେଥିରେ କାହାପରେ କେଉଁକାମ ହେବ, ସେଥିପାଇଁ ବରାଦ ସମ୍ବଳର ପରିମାଣ ଓ କେତେ ସମୟ ଲାଗିବ, ଇତ୍ୟାଦି ସ୍ଥିର ହୋଇଥିବ । (ସଂଯୋଗ-୧)

## ଯୋଗାଯୋଗ ରଣନୀତି ରୂପାୟନ ଚକ୍ର

| | |
|---|---|
| ୧ମ ପଦକ୍ଷେପ | ରାଜ୍ୟ ଓ ଜିଲ୍ଲାସ୍ତରରେ ଯୋଗାଯୋଗ ପରାମର୍ଶଦାତା ଅବସ୍ଥାପିତ ହେବେ । |
| ୨ୟ ପଦକ୍ଷେପ | କାର୍ଯ୍ୟକ୍ରମର ଯୋଜନା କରାଯିବ ଓ ଅର୍ଥ ବ୍ୟବସ୍ଥା ଚୂଡାନ୍ତ ହେବ |
| ୩ୟ ପଦକ୍ଷେପ | ଯୋଗାଯୋଗ, ଶିକ୍ଷା ଓ ତାଲିମ ପାଇଁ ବାର୍ତ୍ତା, ଓ ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ ହେବ ଓ ପ୍ରାକ୍ ପରୀକ୍ଷଣ କରାଯିବ |
| ୪ର୍ଥ ପଦକ୍ଷେପ | ପ୍ରଥମେ କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମଚାରୀ ଓ ପ୍ରକଳ୍ପକର୍ମୀମାନଙ୍କୁ ପ୍ରାଥମିକ ତାଲିମ ଓ ପ୍ରଶିକ୍ଷଣ ପ୍ରଦାନ କରାଯିବ |
| ୫ମ ପଦକ୍ଷେପ | ଗ୍ରାମରେ ଜଳବିଭାଜିକା ପ୍ରକଳ୍ପ ନିକଟରେ ଯୋଗାଯୋଗ ବ୍ୟବସ୍ଥା ମାଧ୍ୟମରେ ଲୋକଙ୍କୁ ପ୍ରକଳ୍ପ ସଂପର୍କରେ ଅବଗତ କରାଯିବ |
| ୬ଷ୍ଠ ପଦକ୍ଷେପ | ତଦାରଖ, ଶିକ୍ଷା ଓ ମତାମତ ସଂଗ୍ରହ ପ୍ରକ୍ରିୟା ମାଧ୍ୟମରେ ଯୋଗାଯୋଗ କାର୍ଯ୍ୟକ୍ରମରେ ସଂସ୍କାର ଅଣାଯିବ |

## ୩ୟ ପଦକ୍ଷେପ: ଯୋଗାଯୋଗ, ଶିକ୍ଷା ଓ ତାଲିମ ପାଇଁ ବାର୍ତ୍ତା, ଓ ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ ହେବ ଓ ପ୍ରାକ୍ ପରୀକ୍ଷଣ କରାଯିବ

ପ୍ରକଳ୍ପ ଅଂଶୀଦାର ଓ ହିତାଧିକାରୀମାନଙ୍କ ପରିବେଶ ଓ ପରିସ୍ଥିତି ତଥା ଯୋଗାଯୋଗ ଆବଶ୍ୟକତା ଅନୁସାରେ ବାର୍ତ୍ତା /ଉପାଦାନ ପ୍ରସ୍ତୁତି କରାଯିବ ।

### ବାର୍ତ୍ତାଗୁଡିକ ନିମ୍ନ ପ୍ରକାରେ ବିକଶିତ କରାଯାଏ

୧. ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଦଳର ସଭ୍ୟମାନେ ପ୍ରକଳ୍ପ ସମ୍ପର୍କରେ ଭିନ୍ନ ଭିନ୍ନ ସୃଜନାତ୍ମକ ରଚନା ପ୍ରସ୍ତୁତ କରିଥାନ୍ତି, ଯାହାର ଭାଷା , ଉପମା ଓ ବିଷୟବସ୍ତୁ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ ।

୨. ବିଶେଷଜ୍ଞମାନଙ୍କ ଉପରେ ଏହି ରଚନାକୁ ରୂପରେଖ ବା ଡିଜାଇନ୍ ଓ ବାର୍ତ୍ତା ପ୍ରସ୍ତୁତ କରିବାର ଦାୟିତ୍ୱ ଦିଆଯାଉ ।

୩. ଏହି ବିଷୟବସ୍ତୁ ପ୍ରସ୍ତୁତ କଲାବେଳେ ଲୋକଙ୍କ ସଂପୃକ୍ତି ଓ ସହଯୋଗ ଆବଶ୍ୟକ । ଏହା ସେମାନଙ୍କ ମନକୁ ପାଇବା ଭଳି ହେବା ଉଚିତ ।

୪. ଚୂଡାନ୍ତ ପ୍ରସ୍ତୁତି ପୂର୍ବରୁ ପ୍ରସ୍ତୁତ ଉପାଦାନର କ୍ଷେତ୍ରୀୟ ପରୀକ୍ଷା ଆବଶ୍ୟକ ।

୫. ଯଦି ଉପରୋକ୍ତ ପ୍ରକାରେ ବ୍ୟବସ୍ଥା ହୋଇପାରେ, ତେବେ କୌଣସି ଏକ ବିଜ୍ଞାପନ ପ୍ରସ୍ତୁତିକାରୀ ସଂସ୍ଥା, ଯିଏକି 'ଗ୍ରାମାଞ୍ଚଳ ବଜାର' କାରବାରରେ ଦକ୍ଷତା ଅର୍ଜନ କରିଥାନ୍ତି, ତାଙ୍କ ଉପରେ ଉପାଦାନ ପ୍ରସ୍ତୁତି ଓ ଉତ୍ପାଦନ ଦାୟିତ୍ୱ ଦିଆଯାଇପାରେ ।

ମଝିରେ ମଝିରେ ଏହିସବୁ ଉପାଦାନର ସମୀକ୍ଷା କରାଯାଇ ସର୍ବଶେଷ ତଥ୍ୟ ଓ ଅଭିଜ୍ଞତା ଭିତ୍ତିରେ ଏଥିରେ ସଂଶୋଧନ କରାଯାଇପାରେ ।

## ୪ର୍ଥ ପଦକ୍ଷେପ: କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ପ୍ରକଳ୍ପ କର୍ମୀମାନଙ୍କୁ ତାଲିମ୍ ଓ ପ୍ରଶିକ୍ଷଣ ପ୍ରଦାନ

ଓଟିଇଏଲ୍‌ପି ଲକ୍ଷ୍ୟପୂରଣ ନିମନ୍ତେ ଗୋଟିଏ ଶକ୍ତିଶାଳୀ ଆନୁଷ୍ଠାନିକ ବ୍ୟବସ୍ଥା ଆବଶ୍ୟକ, ଯାହାକି ସୁଚିନ୍ତିତ ଯୋଜନା ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ଯୋଗାଯୋଗ କାର୍ଯ୍ୟକ୍ରମ ଦ୍ୱାରା ଉପଯୁକ୍ତ ତଥ୍ୟ ଓ ସୂଚନା ଯୋଗାଇଦେଇ ସେମାନଙ୍କୁ ଉତ୍ସାହିତ କରିପାରିବ । କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର ଏବଂ ଆଇଟିଡିଏର ପ୍ରୋଗ୍ରାମ୍ ଅଫିସର୍ (ଯୋଗାଯୋଗ) ଓ ଯୋଗାଯୋଗ ବିଶେଷଜ୍ଞ ମିଳିତ ଭାବେ ଯୋଜନା କରି ପର୍ଯ୍ୟାୟକ୍ରମେ ଜନସାଧାରଣଙ୍କ ସହ ମିଳାମିଶା କରୁଥିବା ସ୍ଥାନୀୟ କର୍ମୀମାନଙ୍କ ଦକ୍ଷତା ବିକାଶ କରାଇବେ । ତାଲିମ୍ ପାଇଁ ଯୋଗାଯୋଗ ଉପାଦାନମାନ ଯୋଗାଇଦେବେ । ଉପରୋକ୍ତ ଅଫିସର୍ ରାଜ୍ୟ ତଥା ଜିଲ୍ଲାସ୍ତରରୁ ଗ୍ରାମାଞ୍ଚଳର ଉନ୍ନୟନ କାର୍ଯ୍ୟରେ ଅଭିଜ୍ଞତା ସଂପନ୍ନ ଦକ୍ଷ ବିଷୟ ବିଶେଷଜ୍ଞ ଅଫିସରମାନଙ୍କୁ ନିମନ୍ତ୍ରଣ କରି ଆଣି ତାଲିମ କାର୍ଯ୍ୟକ୍ରମରେ ସେମାନଙ୍କ ଜ୍ଞାନ ଓ ଅଭିଜ୍ଞତା ବିନିଯୋଗ କରିବେ । ଏହି କାର୍ଯ୍ୟକ୍ରମରେ ସେ ସଂଯୋଜକର ଭୂମିକା ନିର୍ବାହ କରିବେ ।

ଯୋଗାଯୋଗ ରଣନୀତିର ସଫଳ ରୂପାୟନ ନିମନ୍ତେ ତାଲିମ୍ କାର୍ଯ୍ୟକ୍ରମ ବିଶେଷଭାବେ ଗୁରୁତ୍ୱପୂର୍ଣ୍ଣ । ତିନୋଟି ସ୍ତରରେ ତାଲିମ୍‌ର ଅଧିକ ଗୁରୁତ୍ୱ ରହିଛି ।

କ) କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନଙ୍କ ପାଇଁ ତାଲିମ୍

ଖ) ଗ୍ରାମାଞ୍ଚଳର ଉତ୍ସାହୀ ପ୍ରେରଣାଦାତା ବ୍ୟକ୍ତିମାନଙ୍କ ପାଇଁ ତାଲିମ୍

ଗ) ତାଲିମ୍ ଦାତାଙ୍କ ପାଇଁ ତାଲିମ୍

ମୂଳ ଉପଭୋକ୍ତାମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତାଲିମ୍ କାର୍ଯ୍ୟକ୍ରମ ପରିଚାଳନା କରିବାକୁ ପଡିବ । ତେବେ ଆରମ୍ଭରେ କାହାକୁ କିପରି ତାଲିମ୍ ଦିଆଯିବ, ତାହା ନିମ୍ନରେ ସାରଣୀ-୧ ରେ ଦର୍ଶାଇ ଦିଆଯାଇଛି-

## ୫ମ ପଦକ୍ଷେପ: ଗ୍ରାମ/ ଜଳବିଭାଜିକା ପ୍ରକଳ୍ପ ନିକଟରେ ଯୋଗାଯୋଗ କାର୍ଯ୍ୟକ୍ରମ ପ୍ରୟୋଗ

ପ୍ରାଥମିକ ତାଲିମ ପରେ କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନଙ୍କୁ ଗ୍ରାମରେ ଓ ଜଳବିଭାଜିକା ପ୍ରକଳ୍ପ ନିକଟରେ ଲୋକମାନଙ୍କୁ ବୁଝାଇବା ପାଇଁ ତାଲିମ ଦିଆଯିବ । ଏହି ସମୟରେ ଆବଶ୍ୟକୀୟ ଉପକରଣର ମଧ୍ୟ ଉପଯୋଗ କରାଯାଇପାରେ ।

## ୬ଷ୍ଠ ପଦକ୍ଷେପ: କାର୍ଯ୍ୟକ୍ରମର ଉତ୍କର୍ଷତା ସାଧନ ନିମନ୍ତେ ତଦାରଖ, ଶିକ୍ଷା ଓ ମତାମତ ସଂଗ୍ରହ

ରାଜ୍ୟ, ଜିଲ୍ଲା ଓ ଗ୍ରାମ ସ୍ତରରେ ଜଳବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଓଟିଇଏଲ୍‌ପି ର କାର୍ଯ୍ୟସୂଚୀ ଅନୁସାରେ ପ୍ରତ୍ୟେକ ସ୍ତରରେ ନିର୍ଦ୍ଦିଷ୍ଟ ଦାୟିତ୍ୱ କାର୍ଯ୍ୟକାରୀ ହେବ । ତେଣୁ ପ୍ରକଳ୍ପର ତଦାରଖ କରିବା ଓଟିଇଏଲ୍‌ପି କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏଥିସହିତ ଯୋଗାଯୋଗ କାର୍ଯ୍ୟକ୍ରମ ଠିକ୍ ଭାବେ ଚାଲିଥିଲେ ଓଟିଇଏଲ୍‌ପି ର ଲକ୍ଷ୍ୟ ପୂରଣ ସହଜ ଓ ଫଳପ୍ରଦ ହେବ । ତେଣୁ ସେ ସବୁ ସ୍ତରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯୋଗାଯୋଗ ବ୍ୟବସ୍ଥାର ବିଭିନ୍ନ ସୁସ୍ପଷ୍ଟ ସୂଚକଙ୍କ (ତଥ୍ୟ, ପ୍ରକ୍ରିୟା, ଫଳାଫଳ ଓ ପ୍ରଭାବ) ମାଧ୍ୟମରେ ସୂଚାରୁ ରୂପେ ସଂପାଦନ କରିହେବ ।

## ସାରଣୀ-୧

| କେଉଁ ପ୍ରକାର କାର୍ଯ୍ୟ | କେବେ, ତାରିଖ | କିଏ ଦାୟିତ୍ୱନେବେ | କିପରି ହେବ | ବ୍ୟୟ ଅଟକଳ |
|---|---|---|---|---|
| ସହଭାଗୀ ଯୋଗାଯୋଗ କାର୍ଯ୍ୟକ୍ରମ ପାଇଁ ତାଲିମ୍ ଦାତାଙ୍କୁ ତାଲିମ | | କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର | | |
| ସହଭାଗୀ ଯୋଗାଯୋଗ ଓ ଯୋଗାଯୋଗ ଉପାଦାନ ପ୍ରସ୍ତୁତି ଦିଗରେ କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନଙ୍କୁ ତାଲିମ୍ | | | | |
| ଲୋକକଳା ଓ ବିଭିନ୍ନ  କଳାକାରମାନଙ୍କୁ ପରସ୍ପର ମଧ୍ୟରେ ବାର୍ତ୍ତାଳାପଧର୍ମୀ କାର୍ଯ୍ୟକ୍ରମ ନିମନ୍ତେ ତାଲିମ୍ | | | | |
| ଗ୍ରାମର ଉତ୍ସାହୀ/ ପ୍ରେରଣାଦାତା ଲୋକଙ୍କୁ ତାଲିମ୍ | | | | |
| ସ୍ଥାନୀୟ ଭାଷାରେ ବାର୍ତ୍ତା ପ୍ରଚାର ପାଇଁ କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ଗ୍ରାମର ଉତ୍ସାହୀ ବ୍ୟକ୍ତିମାନଙ୍କୁ ତାଲିମ୍ | | | | |



# ଯୋଗାଯୋଗ କାର୍ଯ୍ୟକ୍ରମ ନିମନ୍ତେ ଦକ୍ଷତା ବିକାଶ

ଯୋଗାଯୋଗ ରଣନୀତିର ସଫଳ ରୂପାୟନ ପାଇଁ ଜଳବିଭାଜିକା ପ୍ରକଳ୍ପ ସହ ଜଡିତ ପ୍ରତ୍ୟେକ କର୍ମୀଙ୍କର ଦକ୍ଷତା ବିକାଶ ଗୁରୁତ୍ୱପୂର୍ଣ୍ଣ । ଯୋଗାଯୋଗ କାର୍ଯ୍ୟକ୍ରମ ନିମନ୍ତେ ଉପାଦାନ ପ୍ରସ୍ତୁତ ଯେପରି ଆବଶ୍ୟକ, ସେହି ଉପାଦାନର ଉପଯୁକ୍ତ ବ୍ୟବହାର ନିମନ୍ତେ କର୍ମୀଙ୍କର ଦକ୍ଷତା ବିକାଶ ମଧ୍ୟ ସେହିପରି ଆବଶ୍ୟକ । ଅନେକ ସମୟରେ କର୍ମୀଙ୍କର ଦକ୍ଷତା ବିକାଶ କଥା କେହି ଭାବିନଥାନ୍ତି । ଫଳରେ ବହୁକଷ୍ଟରେ ପ୍ରସ୍ତୁତ ଯୋଗାଯୋଗ ଉପାଦାନ ଗୁଡିକରୁ ଯେତିକି ଲାଭ ମିଳିବା କଥା ତାହା ମିଳେ ନାହିଁ । ତେଣୁ ଯୋଗାଯୋଗ କର୍ମୀମାନେ ଏହି ଉପାଦାନ ଗୁଡିକୁ ଭଲଭାବେ ବ୍ୟବହାର କରିବାରେ ଅଭ୍ୟସ୍ତ ହେବା ଉଚିତ । ଏହି ଦୃଷ୍ଟିରୁ ପ୍ରକଳ୍ପ ସହ ଜଡିତ ବିଭିନ୍ନ ସ୍ତରର କର୍ମୀ ତଥା ହିତାଧିକାରୀମାନଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ଦେଇ ସେମାନଙ୍କ ଦକ୍ଷତାର ବିକାଶ କରିବା ଉଦ୍ଦେଶ୍ୟରେ ଏକ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ।

କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର ଏବଂ ଆଇଟିଡିଏ ସ୍ତରରେ ଅବସ୍ଥାପିତ ଯୋଗାଯୋଗ ବିଶେଷଜ୍ଞ ମୋଟାମୋଟି ଭାବେ ରାଜ୍ୟ ସ୍ତରରେ ତଥା ଆଞ୍ଚଳିକ ସ୍ତରରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟର ଦାୟିତ୍ୱ ନେବେ । ସେ ଯୋଗାଯୋଗ ଉପାଦାନ ପ୍ରସ୍ତୁତି ନିମନ୍ତେ ବିଜ୍ଞାପନ ସଂସ୍ଥା ସ୍ଥିର କରି ଉପାଦାନ ଗୁଡିକ ଯୋଗାଡ କରିବେ, ଦକ୍ଷତା ବିକାଶ ତାଲିମ ଦେବାକୁ ଅଭିଜ୍ଞ ବ୍ୟକ୍ତି ଯୋଗାଡ କରିବେ, ଗଣ ମାଧ୍ୟମରେ ପ୍ରକଳ୍ପ ସମ୍ପର୍କିତ ବାର୍ତ୍ତା ପ୍ରଚାର ପାଇଁ ଉଦ୍ୟମ କରିବେ ଏବଂ ପ୍ରକଳ୍ପ କର୍ମୀମାନେ ଆବଶ୍ୟକୀୟ ଦକ୍ଷତା ହାସଲ କଲେ କି ନାହିଁ ଆକଳନ କରିବେ । ଏହି ସମସ୍ତ କାର୍ଯ୍ୟ ତାଙ୍କ ତତ୍ତ୍ୱାବଧାନରେ ଚାଲିବ ।

## ରାଜ୍ୟସ୍ତରୀୟ ଯୋଗାଯୋଗ କାର୍ଯ୍ୟକ୍ରମ ପାଇଁ ଦକ୍ଷତା ବିକାଶ

କାର୍ଯ୍ୟକ୍ରମ ସହାୟକ କେନ୍ଦ୍ରରେ ଯୋଗାଯୋଗ ସମ୍ପର୍କୀୟ ସମସ୍ତ କାର୍ଯ୍ୟ ଦକ୍ଷତା ବିକାଶ ପ୍ରୋଗ୍ରାମ୍ ଅଫିସର୍‌ଙ୍କ ଉପରେ ନ୍ୟସ୍ତଥାଏ । ସେ ଯୋଗାଯୋଗ ବିଶେଷଜ୍ଞ/ ପରାମର୍ଶଦାତାଙ୍କ ସାହାଯ୍ୟରେ ଯୋଗାଯୋଗ କାର୍ଯ୍ୟକ୍ରମକୁ ସୁପରିଚାଳନା କରନ୍ତି ।

### ପ୍ରୋଗ୍ରାମ୍ ଅଫିସର୍‌ଙ୍କ ଦାୟିତ୍ୱ ହେଲା :

- ଯୋଗାଯୋଗ କାର୍ଯ୍ୟକ୍ରମ ନିମନ୍ତେ ଯୋଜନା ପ୍ରସ୍ତୁତ କରିବେ ।
- ଏହି ସବୁ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ ଓ ତଦାରଖ କରିବେ ।
- ଯୋଗାଯୋଗ କାର୍ଯ୍ୟକ୍ରମ ନିମନ୍ତେ ଅର୍ଥ ଯୋଗାଡ କରିବେ ।
- ଜିଲ୍ଲା ଓ ଆଇଟିଡିଏ ସ୍ତରରେ ଯୋଗାଯୋଗ କାର୍ଯ୍ୟକ୍ରମ ନିମନ୍ତେ ସହାୟତା ପ୍ରଦାନ କରିବେ ।
- ଯୋଗାଯୋଗ ଉପାଦାନ ଓ ଉପକରଣ ପ୍ରସ୍ତୁତ କରିବେ ଏବଂ ଉତ୍ପାଦନ କରାଇବେ ।
- ଜଳବିଭାଜିକା ପ୍ରକଳ୍ପ ପ୍ରତି ଜନସାଧାରଣଙ୍କ ଆଗ୍ରହ ସୃଷ୍ଟି ନିମନ୍ତେ ବିଭିନ୍ନ ସମର୍ଥନ ସୂଚକ କାର୍ଯ୍ୟକ୍ରମ ଆୟୋଜନ କରିବେ ।
- ଜିଲ୍ଲା/ ଆଇଟିଡିଏ କର୍ମୀମାନଙ୍କ ଦକ୍ଷତା ବିକାଶ କରାଇବେ ।

## ଜିଲ୍ଲା ଓ ଆଇଟିଡିଏ ସ୍ତରରେ ଦକ୍ଷତା ବିକାଶ

ସ୍ଥାନୀୟ ଲୋକଙ୍କ ଉଦ୍ୟମ ଓ ଭିନ୍ନଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପରିସ୍ଥିତି ଦୃଷ୍ଟିରୁ ଯୋଗାଯୋଗ କାର୍ଯ୍ୟକ୍ରମ ପ୍ରସ୍ତୁତି ବେଳେ ଜିଲ୍ଲା କର୍ତ୍ତୃପକ୍ଷ କୋହଳ ନୀତି ଗ୍ରହଣ କରିବାର ସୁବିଧା ରହିଛି । ଜିଲ୍ଲା/ ଆଇଟିଡିଏ ସ୍ତରରେ ଯୋଗାଯୋଗ କାର୍ଯ୍ୟକ୍ରମକୁ ସୁଦୃଢ କରାଯିବାର ଆବଶ୍ୟକତା ରହିଛି । ଏହି କାର୍ଯ୍ୟକ୍ରମ ରୂପାୟନ ବେଳେ ସେମାନେ ସ୍ଥାନୀୟଭାଷା, ସ୍ଥାନୀୟ ଚଳଣି ଓ ଉପଯୁକ୍ତ ମାଧ୍ୟମର ବ୍ୟବହାର କରି ପାରିବେ ।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସଂଗଠନ, ନେତୃବୃନ୍ଦ, ଗ୍ରାମପଞ୍ଚାୟତ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସାମିଲ କରାଯିବା ଆବଶ୍ୟକ । ଏହି ସବୁ ଅନୁଷ୍ଠାନ ମଧ୍ୟରୁ ପ୍ରତ୍ୟେକ କେତେକ କାର୍ଯ୍ୟକ୍ରମ ହାତକୁ ନେବେ । ସେଥିମଧ୍ୟରେ ଜନ ସମୁଦାୟ ଭିତରେ ମତ ବିନିମୟ, ଲୋକନାଟକ, ମନେ ପକାଇ ଦେଉଥିବା ମାଧ୍ୟମ ଯେପରିକି ବିଭିନ୍ନ ସ୍ଥାନରେ ସଚିତ୍ର ବିଜ୍ଞାପନ ପ୍ରଦର୍ଶନ, ଛକ ସ୍ଥାନରେ ଟିଣପ୍ଲେଟରେ ମୁଖ୍ୟ ବାର୍ତ୍ତା ଟଙ୍ଗାଇବା, ପ୍ରାଚୀର ପତ୍ର ଓ କାନ୍ଥରେ ଚିତ୍ର ଇତ୍ୟାଦି । ଏହାଛଡା କର୍ମୀମାନଙ୍କର ସମାଜରେ ସଂପର୍କର ପ୍ରସାର ଏବଂ ଜଳବିଭାଜିକା ପ୍ରକଳ୍ପ ସଂପର୍କରେ ଅଧିକ ପ୍ରଚାର ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ରାଜ୍ୟ ସ୍ତରୀୟ ଯୋଗାଯୋଗ ବିଶେଷଜ୍ଞ, ଜିଲ୍ଲା ଓ ଆଇଟିଡିଏ ତଥା ବ୍ଲକ ସ୍ତରରେ ଏହି କାର୍ଯ୍ୟକ୍ରମ ନିମନ୍ତେ ଯୋଜନା ପ୍ରସ୍ତୁତି ଓ ଲୋକଙ୍କ ଭିତରେ ଉତ୍ସାହ ସୃଷ୍ଟିରେ ସାହାଯ୍ୟ କରିପାରନ୍ତି । ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଜଳବିଭାଜିକା ସଂପର୍କିତ ଯୋଗାଯୋଗ ଉପାଦାନର ଆଦାନ ପ୍ରଦାନ ଓ କିଛି ନୂତନ ଆକର୍ଷଣୀୟ ବ୍ୟବସ୍ଥା ମଧ୍ୟ ସାମିଲ କରାଯାଇପାରେ ।

ଯେଉଁ ଲୋକଙ୍କ ପାଖରେ ସହଜରେ ପହଞ୍ଚି ହୁଏନାହିଁ , ସେମାନଙ୍କୁ ପ୍ରଭାବିତ କଲାଭଳି ନୂତନ କୌଶଳ ଜିଲ୍ଲା ଓ ଆଇଟିଡିଏ ସ୍ତରରେ ଅବଲମ୍ବନ କରାଯାଇପାରେ ।

## ତାଲିମ୍ ଉପକରଣ ଓ ପାଠ୍ୟକ୍ରମ

ଯେଉଁମାନେ ତାଲିମ୍ ନେବେ, ସେମାନଙ୍କର ମାନସିକ ସ୍ଥିତି ଓ ତାଲିମ୍‌ର ଆବଶ୍ୟକତା ଅନୁସାରେ ତାଲିମ୍ ପାଠ୍ୟକ୍ରମ ସ୍ଥିର ହୋଇଥାଏ । ଏଥିରେ ବିଭିନ୍ନ କର୍ମୀ ତଥା ଜନସମୁଦାୟଙ୍କ ଭୂମିକା ସମ୍ପର୍କରେ ସୂଚାଇ ଦିଆଯାଇଥାଏ ।

## ସହଭାଗୀ ଯୋଗାଯୋଗ ପାଇଁ ସ୍ୱେଚ୍ଛାସେବୀ ସଂଗଠନ କର୍ମୀଙ୍କୁ ତାଲିମ୍

କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନେ ଦୁଇପକ୍ଷ ମଧ୍ୟରେ ଭାବର ଆଦାନ ଭଲଭାବେ ପ୍ରଦାନ କଲାଭଳି ଯୋଗାଯୋଗ ବ୍ୟବସ୍ଥାର ଆବଶ୍ୟକତା ବିଷୟରେ ଭଲଭାବେ ବୁଝିବା ଉଚିତ୍ । ଆଗେ ଯେପରି ବେତାରରେ ଜଣେ ଭାଷଣ ଦେଉଥିଲେ ଏବଂ ଅନ୍ୟମାନେ ଶୁଣୁଥିଲେ କିମ୍ବା କୌଣସି ବିଷୟରେ ଜଣେ

କହିବେ ଏବଂ ଅନ୍ୟମାନେ ଚୁପ୍‌ଚାପ ଶୁଣିବେ- ଏହି ବ୍ୟବସ୍ଥାଟି ତାର ବିପରୀତ । ଏ ପ୍ରକାର ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ପ୍ରକଳ୍ପ କାର୍ଯ୍ୟରେ କଅଣ ସମସ୍ୟା ଦେଖାଦେଉଛି, ତାହା ନିଜେ ଅଂଶୀଦାରମାନେ ହିଁ ଚିହ୍ନଟ କରିବେ । ସେହିମାନଙ୍କୁ ଉତ୍ସାହିତ କରି ସମାଧାନର ସୂତ୍ର ସେହିମାନଙ୍କଠାରୁ ଆଦାୟ କରାଯିବ ଏବଂ ଚିନ୍ତା କରି କାର୍ଯ୍ୟକ୍ରମକୁ ଆଗେଇନେବାର ଉଦ୍ୟମହେବ । ଏହି ଉଦ୍ଦେଶ୍ୟରେ, ସଂଗଠନର କର୍ମୀମାନେ ତାଲିମ୍ ପାଇବା ସମୟରେ ପରବର୍ତ୍ତୀ ତାଲିମ୍ ଗ୍ରହୀତାମାନେ ଯେପରି ମୁହଁ ଖୋଲିବେ, ଆଲୋଚନାରେ ନିର୍ଭୟରେ ଅଂଶ ଗ୍ରହଣ କରିପାରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରିବାକୁ ତାଲିମ୍ ଦେବା । ଗୋଟିଏ ଅଞ୍ଚଳର ଲୋକଙ୍କ ଚଳଣୀ ଓ ରୀତିନୀତି ଦେଖି ଲୋକମାନଙ୍କ ସହ ସେହିପ୍ରକାର ବ୍ୟବହାର ପ୍ରଦର୍ଶନ କରିବାକୁ ମଧ ସେମାନେ ତାଲିମ୍ ପାଇବା ଉଚିତ୍ ।

## କ୍ଷେତ୍ରୀୟ କର୍ମୀମାନଙ୍କୁ ତାଲିମ୍

ପ୍ରକୃତ ପକ୍ଷେ କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀ ଓ ସଂପୃକ୍ତ ଅନ୍ୟାନ୍ୟ ବିଭାଗର କର୍ମୀମାନେ ହିଁ ବାସ୍ତବ କ୍ଷେତ୍ରରେ ଲୋକମାନଙ୍କୁ ମନେଇ ପ୍ରକଳ୍ପ କାର୍ଯ୍ୟ ଆଗେଇ ନେଇଥାଆନ୍ତି । ତେଣୁ କାର୍ଯ୍ୟ ଆରମ୍ଭ ପୂର୍ବରୁ ସେମାନଙ୍କୁ ତାଲିମ୍ ଆବଶ୍ୟକ । କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ଅଂଶଗ୍ରହଣ ଓ ପ୍ରକଳ୍ପକୁ ସେମାନେ ଯେପରି ନିଜର ବୋଲି ଅନୁଭବ କରନ୍ତି, ସେମାନଙ୍କ ମନରେ ସେହି ପ୍ରକାର ଭାବନା ସୃଷ୍ଟି କରିବାକୁ କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନଙ୍କୁ ମଝିରେ ମଝିରେ ସଚେତନ କରାଯାଉଥିବା ଆବଶ୍ୟକ ।

ଯେଉଁ ଅଞ୍ଚଳରେ କାର୍ଯ୍ୟ ଚାଲିବ, ସେଠାରେ ଏହିପ୍ରକାର ତାଲିମ୍ କାର୍ଯ୍ୟ ଚଳେଇବା ପାଇଁ କେତେଜଣ ପ୍ରମୁଖ ତାଲିମ୍‌ଦାତା ବା ଗୋଟିଏ 'ତାଲିମ୍ ଦାତା ଗୋଷ୍ଠୀ'ଙ୍କର ଆବଶ୍ୟକତା ରହିଛି । ତେଣୁ ଏକ୍ଷେତ୍ରରେ କେତେଜଣ ବିଭିନ୍ନ 'ଉନ୍ନୟନ ବିଷୟ-ବିଶେଷଜ୍ଞ'ଙ୍କୁ ସଂସାଧକ ଭାବେ ନିଯୁକ୍ତି ଦେଇ ସେମାନଙ୍କର ଅଭିଜ୍ଞତା ଓ ବୁଦ୍ଧିମତ୍ତାର ସୁଯୋଗ ନେବା ଉଚିତ୍ । ଯାହାଙ୍କ ତାଲିମ୍ ଫଳରେ କର୍ମୀମାନେ କାମ କରିବାକୁ ଉତ୍ସାହିତ ହେବେ । କାର୍ଯ୍ୟ ପଦ୍ଧତିରେ ଏପରି ବ୍ୟାପକ ଓ ଦ୍ରୁତ ପରିବର୍ତ୍ତନ ଘଟୁଛି ଯେ ସେ ଅନୁସାରେ କାମ ଆଗେଇନେବାକୁ ତାଲିମ୍ ଦାତାମାନଙ୍କ ପାଇଁ ବିଶେଷ ତାଲିମ୍ ଦାତା ଆବଶ୍ୟକ । ଏହି ଅଭିଜ୍ଞ ସଂସାଧକମାନେ ପ୍ରକଳ୍ପକାର୍ଯ୍ୟ ନିମନ୍ତେ ମୋଟାମୋଟି ଏକ ସୁଚିନ୍ତିତ ପାଠ୍ୟକ୍ରମ ଓ ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ କରିଦେଇ ପାରିବେ ।



# କାର୍ଯ୍ୟକ୍ରମ ରୂପାୟନରେ ବ୍ୟକ୍ତି, ସଂସ୍ଥାର ଭୂମିକା ଓ ଦାୟିତ୍ୱ

ଯୋଗାଯୋଗ ବ୍ୟବସ୍ଥାରେ କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର, ଜିଲ୍ଲା/ ଆଇଟିଡିଏ ଏବଂ ଗ୍ରାମ୍ୟ ସ୍ତରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଏ । ଓଟିଇଏଲ୍‌ପି କାର୍ଯ୍ୟକାରୀ କରିବାରେ କାର୍ଯ୍ୟକ୍ରମ ସହାୟକ କେନ୍ଦ୍ରର ପ୍ରଧାନ ଭୂମିକା ନିର୍ବାହ କରିଥାଏ । ତେଣୁ ବିଭିନ୍ନ କ୍ଷେତ୍ରରେ ଯୋଗାଯୋଗ କାର୍ଯ୍ୟକ୍ରମ ସୁଚାରୁରୂପେ ସଂପନ୍ନ କରାଇବାର ଦାୟିତ୍ୱ ମଧ କାର୍ଯ୍ୟକ୍ରମ ସହାୟକ କେନ୍ଦ୍ରର ଏବଂ ଏଥିପାଇଁ ଏହାର ଯୋଗାଯୋଗ ବ୍ୟବସ୍ଥା ଉପରେ ନିଜର ସଂପୂର୍ଣ୍ଣ କର୍ତ୍ତୃତ୍ୱ ଜାହିରକରି, ପ୍ରତ୍ୟେକ କ୍ଷେତ୍ରରେ ଯୋଗାଯୋଗ ବ୍ୟବସ୍ଥା ଓ ସେଥି ନିମନ୍ତେ ପ୍ରସ୍ତୁତ ବିଭିନ୍ନ ଉପକରଣର ବ୍ୟବହାର ନିମନ୍ତେ ଜୋର ଦେବା ଆବଶ୍ୟକ ।

ଜିଲ୍ଲା ଏବଂ ଆଇଟିଡିଏ ହେଉଛି ରାଜ୍ୟ ଏବଂ ବ୍ଲକ ସ୍ତରୀୟ ତାଲିମ୍ ଓ ଯୋଗାଯୋଗ ଉପକରଣ ଓ ଅନ୍ୟାନ୍ୟ ପ୍ରଚାର ମାଧମ ଆଦାନ ପ୍ରଦାନ କ୍ଷେତ୍ରରେ ସଂଯୋଗର ସେତୁ । ବିଭିନ୍ନ ଅଞ୍ଚଳରେ ଓଟିଇଏଲ୍‌ପି ପାଇଁ ଯୋଗାଯୋଗ କାର୍ଯ୍ୟକ୍ରମକୁ ଯୋଜନାବଦ୍ଧ ଭାବେ ରୂପାୟିତ କରିବା ଓ ତାର ତଦାରଖ କରିବା ହେଉଛି ଆଇଟିଡିଏର ଦାୟିତ୍ୱ ।

ଗ୍ରାମ ପଞ୍ଚାୟତ ଏବଂ ଜଳବିଭାଜିକା ପ୍ରକଳ୍ପର ଗ୍ରାମସ୍ତରୀୟ ଅନୁଷ୍ଠାନ, ଜନସାଧାରଣଙ୍କ ପାଇଁ ଯୋଗାଯୋଗ କାର୍ଯ୍ୟକ୍ରମର କେନ୍ଦ୍ର । ସାମାଜିକ ଉତ୍ସାହ ଓ ଆଗ୍ରହ ସୃଷ୍ଟି କ୍ଷେତ୍ରରେ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଗ୍ରାମପଞ୍ଚାୟତ ଏବଂ କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନେ ଭଲଭାବେ ଲୋକମାନଙ୍କୁ ଓଟିଇଏଲ୍‌ପି ସମ୍ପର୍କରେ ବୁଝାଇବା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ମାଧମରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେବାକୁ ସ୍ୱତନ୍ତ୍ରଭାବେ ତାଲିମ ପାଇଥାନ୍ତି । ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ସ୍ଥାନୀୟ ଭାଷାରେ ପ୍ରସ୍ତୁତ ଯୋଗାଯୋଗ ଉପକରଣ ସବୁ ଯଥେଷ୍ଟ ପରିମାଣରେ ମିଳୁଥିବା ତଥା ଚାରିଆଡେ ପ୍ରଦର୍ଶିତ ହେଉଥିବା ଆବଶ୍ୟକ ।



# ଓଟିଇଏଲ୍‌ପି ପ୍ରକଳ୍ପରେ ଯୋଗାଯୋଗ ସ୍ଥାପନର ପଦ୍ଧତି

ଏହି ବିଧି ବ୍ୟବସ୍ଥା ସୂଚାଇ ଦିଏ ଯେ ଓଟିଇଏଲ୍‌ପି ପ୍ରକଳ୍ପ ନିମନ୍ତେ ଯୋଗାଯୋଗ କାର୍ଯ୍ୟକ୍ରମକୁ କ୍ରମାନ୍ୱୟରେ ସଜ୍ଜିତ କରି ରଖାଯାଇଛି ଏବଂ କେଉଁ ସ୍ତରରେ ପ୍ରୟୋଗ ନିମନ୍ତେ ଏହା ଉପଯୁକ୍ତ, ତାହା ସ୍ଥିର କରାଯାଇଛି ।

କାର୍ଯ୍ୟକ୍ରମକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି :

- ଗଣମାଧ୍ୟମ ସହାୟତା
- ଦକ୍ଷତା ବିକାଶ
- ଯୋଗାଯୋଗ କାର୍ଯ୍ୟପାଇଁ ଉପାଦାନ ପ୍ରସ୍ତୁତି
- ଯୋଗାଯୋଗ କାର୍ଯ୍ୟକ୍ରମରେ ଅଂଶୀଦାରଙ୍କ ସଂପୃକ୍ତି
- ଅନ୍ୟାନ୍ୟ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ସଂପୃକ୍ତି

ପ୍ରତ୍ୟେକ ଯୋଗାଯୋଗ କାର୍ଯ୍ୟକ୍ରମ, କାହାପରେ କାହାକୁ କାର୍ଯ୍ୟକାରୀ କରାଯିବ ତାହାର ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି । ଓଟିଇଏଲ୍‌ପି ଯୋଗାଯୋଗ ବ୍ୟବସ୍ଥା ଭିତ୍ତିରେ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ବୁଝିବାକୁ ପଡ଼ିବ । ପୂର୍ବ ନିର୍ଦ୍ଧାରଣ ଅନୁସାରେ କିଛି କିଛି ସମୟ ବ୍ୟବଧାନରେ କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକୀୟ ଯୋଗାଯୋଗ ଉପାଦାନର ତାଲିକା ମଧ୍ୟ ସୂଚାଇ ଦିଆଯାଇଛି ।

## ଯୋଗାଯୋଗ ଯୋଜନା କାର୍ଯ୍ୟକାରୀ କରିବାର କ୍ୟାଲେଣ୍ଡର

| ଯୋଗାଯୋଗ କାର୍ଯ୍ୟକ୍ରମ | ସ୍ତର | | | |
|---|---|---|---|---|
| | ରାଜ୍ୟ | ଜିଲ୍ଲା | ଗ୍ରାମ | କ୍ଷେତ୍ରୀୟ ବେସରକାରୀ ସଂଗଠନ |
| ସାମାଜିକ ସଶକ୍ତିକରଣ ଦିବସ ପାଳନ (ମାର୍ଚ୍ଚ ୨୦) | ✓ | ✓ | ✓ | |
| ଆଇ.ଟି.ଡ଼ି.ଏ. ମାନଙ୍କୁ ସଚେତନ କରାଯିବା କାର୍ଯ୍ୟକ୍ରମ | | ✓ | | |
| **ଗଣମାଧ୍ୟମର ସମର୍ଥନ ସୂଚକ କାର୍ଯ୍ୟକ୍ରମ** | | | | |
| ମୁଦ୍ରିତ ମାଧ୍ୟମ | ✓ | ✓ | | ✓ |
| ବୈଦ୍ୟୁତିକ ମାଧ୍ୟମ (ରେଡିଓ/ଟିଭି) | ✓ | ✓ | | |
| ପ୍ରଦର୍ଶନ ମାଧ୍ୟମ | ✓ | ✓ | | |
| ଗୋଷ୍ଠୀ ମାଧ୍ୟମ | | | ✓ | ✓ |
| ସାମ୍ବାଦିକ ମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ | ✓ | ✓ | | |
| **ଦକ୍ଷତା ବିକାଶ ନିମନ୍ତେ ଯୋଗାଯୋଗ କାର୍ଯ୍ୟକ୍ରମ** | | | | |
| ସାଧନ ଯୋଗାଣକାରୀ ସଂଗଠନମାନଙ୍କୁ ସୂଚନା, ଶିକ୍ଷା, ଯୋଗାଯୋଗ / ବି.ସି.ସି / ଆଇ.ପି.ସି ସମ୍ପର୍କରେ ଅବଗତ କରାଇବା | | | | ✓ |
| କ୍ଷେତ୍ରୀୟ ବେସରକାରୀ ସଂଗଠନ ମାନଙ୍କୁ ସୂଚନା, ଶିକ୍ଷା, ଯୋଗାଯୋଗ / ବି.ସି.ସି / ଆଇ.ପି.ସି ସମ୍ପର୍କରେ ଅବଗତ କରାଇବା | | ✓ | | |
| ପ୍ରକଳ୍ପ କର୍ମୀ / ସଂପ୍ରସାରଣ ଅଧିକାରୀ ମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ୍ ପ୍ରଦାନ | | ✓ | | |
| ପଞ୍ଚାୟତ ପ୍ରତିନିଧିମାନଙ୍କୁ ପ୍ରକଳ୍ପ ସମ୍ପର୍କରେ ସଚେତନ କରାଇବା ପାଇଁ ବୈଠକ | | ✓ | | ✓ |

| ଯୋଗାଯୋଗ କାର୍ଯ୍ୟକ୍ରମ | ବିଭିନ୍ନ ସ୍ତର | | | |
|---|---|---|---|---|
| | ରାଜ୍ୟ | ଜିଲ୍ଲା | ଗ୍ରାମ | କ୍ଷେତ୍ରୀୟ ସ୍ୱେଚ୍ଛାସେବୀ ସଂଗଠନ |
| ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଯୋଗାଯୋଗ କୌଶଳ ସମ୍ପର୍କରେ ଜ୍ଞାନ ପ୍ରଦାନ | | ✓ | | ✓ |
| ଗୋଷ୍ଠୀଭିତ୍ତିକ ଅଧିକାରୀମାନଙ୍କୁ ଯୋଗାଯୋଗ କୌଶଳ ସମ୍ପର୍କରେ ଜ୍ଞାନ ପ୍ରଦାନ | | ✓ | | ✓ |
| ସଂପୃକ୍ତ ଅନ୍ୟାନ୍ୟ ବିଭାଗର କର୍ମୀମାନଙ୍କୁ ଯୋଗାଯୋଗ କୌଶଳ ସମ୍ପର୍କରେ ଜ୍ଞାନ ପ୍ରଦାନ | ✓ | ✓ | | |
| ସଂସ୍କୃତି ଓ ଯୋଗାଯୋଗ ସ୍ଥାପନ ସମ୍ପର୍କରେ କର୍ମଶାଳା | | ✓ | | |
| ଗ୍ରାମ୍ୟଉନ୍ନୟନ କମିଟି ମାନଙ୍କର ଦକ୍ଷତା ବୃଦ୍ଧି | | ✓ | | ✓ |
| **ଯୋଗାଯୋଗ ଉପକରଣ ପ୍ରସ୍ତୁତି** | | | | |
| ଯୋଗାଯୋଗ ଉପକରଣ ପ୍ରସ୍ତୁତି କର୍ମଶାଳା | ✓ | ✓ | | ✓ |
| ବେତାର କାର୍ଯ୍ୟକ୍ରମ / ପତ୍ର ପତ୍ରିକା ପାଇଁ ଲେଖା ପ୍ରସ୍ତୁତି | | ✓ | ✓ | ✓ |
| ଗୋଷ୍ଠୀ ବେତାର କାର୍ଯ୍ୟକ୍ରମ ପ୍ରସ୍ତୁତି | | ✓ | ✓ | ✓ |
| ପ୍ରାଚୀର ପତ୍ର | | | | ✓ |
| ଲୋକକଳା କାର୍ଯ୍ୟକ୍ରମ ପ୍ରସ୍ତୁତି | | ✓ | | ✓ |
| ଅଭିନୟ କାର୍ଯ୍ୟକ୍ରମ ପ୍ରସ୍ତୁତି | | | ✓ | |
| ପଥପ୍ରାନ୍ତ ନାଟକ କୌଶଳ ସମ୍ପର୍କରେ ତାଲିମ୍ | | ✓ | | |
| ଯୋଗାଯୋଗ ଉପକରଣର ପ୍ରାକ୍-ପରୀକ୍ଷଣ | | | ✓ | ✓ |
| ଯୋଗାଯୋଗ କାର୍ଯ୍ୟକ୍ରମ | | | | |
| ପ୍ରତୀକ ଓ କାର୍ଯ୍ୟ ଆଧାରିତ ସଂଗୀତ ପ୍ରସ୍ତୁତି | | ✓ | | |
| ପରସ୍ପର ଆଲୋଚନା ମାଧ୍ୟମରେ ସଚେତନତା ସୃଷ୍ଟି | | | ✓ | ✓ |
| ସ୍ଥାନୀୟ ଅଧିବାସୀମାନଙ୍କୁ ସଙ୍ଗଠିତ କରି ଗ୍ରାମ୍ୟଉନ୍ନୟନ କମିଟି ଗଠନ | | | ✓ | |
| ସମ୍ବଳ ସଂଗ୍ରହ ଓ ସଂକ୍ଷିପ୍ତ ଯୋଜନା ପ୍ରସ୍ତୁତି | | | ✓ | |
| ଗୋଷ୍ଠୀ ଲୋକଙ୍କ ପାଇଁ ଯୋଗାଯୋଗ ଉପକରଣ ପ୍ରସ୍ତୁତି ଓ ବ୍ୟବହାର ସମ୍ପର୍କରେ ତାଲିମ୍ ପ୍ରଦାନ | | | | ✓ |
| ସହଭାଗୀତା ମାଧ୍ୟମରେ କାର୍ଯ୍ୟକ୍ରମର ଅଗ୍ରଗତି ସାଧନ | | ✓ | | ✓ |
| ତଦାରଖ, ଶିକ୍ଷା ଓ ବିବରଣୀ ଲିଖନ | | | | |
| ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ବିବରଣୀ ଲିଖନ | ✓ | ✓ | | |
| ପ୍ରାଚୀର ପତ୍ର ଓ ମୁଦ୍ରିତ ସମାଚାର ପତ୍ର | | ✓ | | ✓ |

## ସାରଣୀ– ୧

# ଯୋଗାଯୋଗ କୌଶଳ ରୂପାୟନ ଯୋଜନା

| | ପ୍ରସ୍ତୁତି କାର୍ଯ୍ୟକ୍ରମ | ଦାୟିତ୍ୱ | କାର୍ଯ୍ୟକ୍ରମର ବିବରଣୀ |
|---|---|---|---|
| ୧. | ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମକର୍ତ୍ତାମାନଙ୍କୁ ସଚେତନ କରାଇବା | ରାଜ୍ୟ ସଂସଧକ ଦଳ | ଜିଲ୍ଲାସ୍ତରରେ ରାଜ୍ୟ ସଂସାଧକ ଦଳ ପକ୍ଷରୁ ସଭା ଓ କର୍ମଶାଳା ଆୟୋଜନ, ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ ନିମନ୍ତେ ବିଭିନ୍ନ ଅଞ୍ଚଳର ପ୍ରକଳ୍ପସ୍ଥଳୀମାନ ପରିଦର୍ଶନ |
| ୨. | କ୍ଷେତ୍ରୀୟ ବେସରକାରୀ ସଂଗଠନ, ସାଧନ ଯୋଗାଣକାରୀ ବେସରକାରୀ ସଂଗଠନ ଓ ଜନ ସମୁଦାୟଙ୍କ ତାଲିମ୍ ଉପକରଣ ଚୂଡ଼ାନ୍ତ | ପ୍ରକଳ୍ପ ସହାୟକ କେନ୍ଦ୍ର / ସମନ୍ୱିତ ଆଦିବାସୀ ଉନ୍ନୟନ କର୍ତ୍ତୃପକ୍ଷ | ତାଲିମ୍ ପୁସ୍ତିକା ଓ ଉପକରଣ ସାମଗ୍ରୀ ଚୂଡ଼ାନ୍ତ ଭାବରେ ପ୍ରସ୍ତୁତ:<br>• ଲୋକକଳା ଦଳ ବଛାଯାଇ ସେମାନଙ୍କୁ ପ୍ରକଳ୍ପର ଉଦ୍ଦେଶ୍ୟ ବୁଝାଇବା<br>• ବେତାର କାର୍ଯ୍ୟକ୍ରମ ନିମନ୍ତେ ବିଷୟବସ୍ତୁ ପ୍ରସ୍ତୁତ<br>• ଓଟିଇଏଲ୍‌ପି ସମ୍ପର୍କରେ ଜାଣିବା ପାଇଁ ଭିଡ଼ିଓ ପ୍ରସ୍ତୁତି<br>• ପ୍ରଚାର ପତ୍ର ବା ଟିଣ ପ୍ରସ୍ତୁତି<br>• କାର୍ଯ୍ୟକ୍ରମ ଶୁଭାରମ୍ଭ ଦିନ ନିର୍ଣ୍ଣୟ<br>•ଉପକରଣ ପ୍ରାକ୍‌ପରୀକ୍ଷଣ ପରେ ଅଧିକ ପରିମାଣରେ ପ୍ରସ୍ତୁତ |
| ୩ | ନିର୍ଣ୍ଣାୟକ ମାନଦଣ୍ଡ ଅନୁସାରେ ଆଇ.ଟି.ଡ଼ି.ଏ ସହ ସେମାନଙ୍କୁ ଚୁକ୍ତି ଅନୁଯାଇ କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ ଯୋଗାଣକାରୀ ବେସରକାରୀ ସଂଗଠନ ସ୍ଥିର କରାଯିବ | ଆଇ.ଟି.ଡ଼ି.ଏ (କାର୍ଯ୍ୟକ୍ରମ ସହାୟକ କେନ୍ଦ୍ରର ସହାୟତାରେ) | କାର୍ଯ୍ୟକ୍ରମ ଆବଶ୍ୟକତା ଅନୁସାରେ ଆଇ.ଟି.ଡ଼ି.ଏ ଉତ୍ତମ ମାନଦଣ୍ଡ ଥିବା କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ ଯୋଗାଣକାରୀ ସଂଗଠନ ମନୋନୀତ କରିବ । ଏହି ତିନିପକ୍ଷ କେତେକ ସର୍ତ୍ତ ସମ୍ବଳିତ ରାଜିନାମାରେ ଚୁକ୍ତିବଦ୍ଧ ହେବେ । (ଗ୍ରାମସ୍ତରୀୟ ଉନ୍ନୟନ କମିଟି ଗଠନ ଓ ସେମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ଏହି ରାଜିନାମା ବଳବତ୍ତର ରହିବ) |
| ୪. | ଆଇ.ଟି.ଡ଼ି.ଏ କର୍ମୀମାନଙ୍କୁ ଓଟିଇଏଲ୍‌ପି ସମ୍ପର୍କରେ ତାଲିମ୍ ପ୍ରଦାନ | ପ୍ରକଳ୍ପ ସହାୟକ କେନ୍ଦ୍ର | ଆଇ.ଟି.ଡ଼ି.ଏ ର ସମସ୍ତ କର୍ମଚାରୀଙ୍କ ନିମନ୍ତେ ୨-୩ଟି ତାଲିମ୍ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥିରେ ସେମାନଙ୍କୁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ କାର୍ଯ୍ୟ, ପରିଚାଳନା, ସହଭାଗୀ ମାଧ୍ୟମ, ମନୋଭାବ ପରିବର୍ତ୍ତନ ଆଦି ବିଷୟରେ ତାଲିମ୍ ଦିଆଯିବ । |
| ୫. | ସମ୍ବଳ ଯୋଗାଣକାରୀ ସଂଗଠନକୁ ତାଲିମ୍ (୧ମ ପର୍ଯ୍ୟାୟ) | ଆଇ.ଟି.ଡ଼ି.ଏ / ପ୍ରକଳ୍ପ ସହାୟକ କେନ୍ଦ୍ର | ଗ୍ରାମୀଣ ସହଯୋଗର ମୂଲ୍ୟାୟନ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ଜୀବିକା ନିର୍ବାହ ପ୍ରକଳ୍ପ ସମ୍ପର୍କରେ ସାଧନ ଯୋଗାଣକାରୀ ସଂଗଠନର କର୍ମକର୍ତ୍ତାମାନଙ୍କୁ ତାଲିମ୍ ପ୍ରଦାନ |
| ୬. | କ୍ଷେତ୍ରୀୟ ବେସରକାରୀ ସଂଗଠନକୁ ତାଲିମ୍ (୧ମ ପର୍ଯ୍ୟାୟ) | ସାଧନ ଯୋଗାଣକାରୀ ସଂଗଠନ | କାର୍ଯ୍ୟକ୍ରମର କ୍ଷେତ୍ରୀୟ ବେସରକାରୀ ସଂଗଠନ ପରିଚାଳନା କରୁଥିବା କର୍ମୀମାନଙ୍କୁ ଗ୍ରାମୀଣ ସହଯୋଗର ମୂଲ୍ୟାୟନ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ପ୍ରସ୍ତୁତି, ଜୀବିକା ନିର୍ବାହ ପ୍ରକଳ୍ପ ସମ୍ପର୍କରେ ତାଲିମ୍ ପ୍ରଦାନ |
| ୭. | ପର୍ଯ୍ୟାୟ କ୍ରମେ ଗ୍ରାମ ପଞ୍ଚାୟତ କର୍ମକର୍ତ୍ତା, ପଞ୍ଚାୟତିରାଜ ପ୍ରତିନିଧି, ମତ ସୃଷ୍ଟିକାରୀ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରକଳ୍ପ ସମ୍ପର୍କରେ ସଚେତନ କରାଯିବ | ସମ୍ବଳ ଯୋଗାଣକାରୀ ସଂଗଠନ ଓ କ୍ଷେତ୍ରୀୟ ବେସରକାରୀ ସଂଗଠନ | କ୍ଷେତ୍ରୀୟ ବେସରକାରୀ ସଂଗଠନ ଆଇ.ଟି.ଡ଼ି.ଏ ସହ ମିଶି କାର୍ଯ୍ୟକ୍ରମରେ ସାମିଲ୍ ୨-୩ଟି ବ୍ଲକର ପଞ୍ଚାୟତ କର୍ମଚାରୀମାନଙ୍କୁ ଏକତ୍ରିତ କରି ଓଟିଇଏଲ୍‌ପି ର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ତାଲିମ୍ ଦେବେ । ଏହି ତାଲିମ୍ କାଳରେ ଗ୍ରାମ୍ୟ ସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା |

# ରୂପାୟନ ପର୍ଯ୍ୟାୟ କାର୍ଯ୍ୟକ୍ରମ

| | ପ୍ରକ୍ରିୟା ନାମ | ଦାୟିତ୍ୱ | କାର୍ଯ୍ୟକ୍ରମର ବିବରଣୀ |
|---|---|---|---|
| ୧. | ଓଟିଇଏଲ୍‌ପି ସମ୍ପର୍କରେ ଜନସମୁଦାୟଙ୍କୁ ସଚେତନ କରାଯିବ | କ୍ଷେତ୍ରୀୟ ବେସରକାରୀ ସଂଗଠନ / ସୂଚନା, ଶିକ୍ଷା ଓ ସାଂସ୍କୃତିକ ଦଳ | • କ୍ଷେତ୍ରୀୟ ବେସରକାରୀ ସଂଗଠନ ବିଭିନ୍ନ ଗ୍ରାମକୁ ଲୋକକଳା ଦଳଙ୍କୁ ନେଇ ନୃତ୍ୟ, ଗୀତ ଓ ଅଭିନୟ ମାଧ୍ୟମରେ ସାଧାରଣ ଲୋକଙ୍କୁ ଜଳବିଭାଜିକା ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇବେ<br>• ମୁଦ୍ରଣ ଓ ଇଲେକ୍‌ଟ୍ରୋନିକ (ରେଡିଓ/ ଟିଭି) ମାଧ୍ୟମରେ ମଧ ଲୋକମାନଙ୍କ ମଧ୍ୟରେ ପ୍ରଚାର କାର୍ଯ୍ୟ ଚାଲିବ, ଏଥିରେ ପ୍ରଚାର ପତ୍ର, ପ୍ରାଚୀର ପତ୍ର ଓ ବେତାର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହେବ<br>• ଯୋଗାଯୋଗ ଦଳ ଗ୍ରାମରେ ପ୍ରଚାର କାର୍ଯ୍ୟ ଶେଷରେ ଲୋକଙ୍କ ମତାମତ ସଂଗ୍ରହ କରି ଆଇ.ଟି.ଡ଼ି.ଏ କର୍ତ୍ତୃପକ୍ଷଙ୍କୁ ପ୍ରଦାନ ଯୋଗାଇ ଦେବେ |
| ୨. | ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳରେ କ୍ଷେତ୍ରୀୟ ବେସରକାରୀ ସଂଗଠନ ପକ୍ଷରୁ ସଚେତନତା ସୃଷ୍ଟି | କ୍ଷେତ୍ରୀୟ ବେସରକାରୀ ସଂଗଠନ | • କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନେ ବୁଲି ପ୍ରତ୍ୟେକ ହିତାଧିକାରୀଙ୍କ ପରିବାରକୁ ଭେଟିବେ । ସେମାନଙ୍କୁ ବାର୍ତ୍ତାଳାପ ମାଧ୍ୟମରେ ଜଳବିଭାଜିକା ପ୍ରକଳ୍ପର ଉପକାରୀତା ସମ୍ପର୍କରେ ବୁଝାଇବେ<br>• ସେ ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନ ସହ ସମ୍ପର୍କ ସ୍ଥାପନ କରି ଲୋକଙ୍କ ମତିଗତି ଓ ପ୍ରକୃତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ<br>• କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଅନୁଧାନ କରି ଲୋକମାନଙ୍କ ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ବୁଝାଯିବ |
| ୩. | ଜନ ସମୁଦାୟଙ୍କୁ ସଂଗଠିତ କରିବା ଓ ଗ୍ରାମ୍ୟଉନ୍ନୟନ କମିଟି ଗଠନ କରିବା | କ୍ଷେତ୍ରୀୟ ବେସରକାରୀ ସଂଗଠନ | • ସଂଗଠନ ବାରମ୍ବାର ସଭା ଡ଼ାକାଇ ସେହି ଅଞ୍ଚଳର ଜନସାଧାରଣଙ୍କ ସହ ମିଶିବେ । ସେମାନଙ୍କ ମଧ୍ୟରେ ଏକତା ଓ ମୈତ୍ରୀ ସ୍ଥାପନ କରିବେ । ସେମାନଙ୍କ ଭିତରେ କିଛି ବାଦ ବିବାଦ ଥିଲେ, ତାହା ଦୂର କରିବେ । ସେମାନଙ୍କର ସମସ୍ୟା ସମାଧାନ କରିବା ସହ ସେମାନେ କ'ଣ ଚାହାଁନ୍ତି, ସେ ସମ୍ପର୍କରେ ଅନୁଧାନ କରିବେ<br>• ସଂଗଠନ କର୍ମୀଙ୍କୁ ସ୍ୱତନ୍ତ୍ର ସଚେତନତା ଅଭିଯାନ ଚଳାଇ ସେମାନଙ୍କର କିଛି ସ୍ୱତନ୍ତ୍ର ସମସ୍ୟା ଥିଲେ ଜାଣିବାକୁ ଚେଷ୍ଟା କରିବେ<br>• କ୍ଷେତ୍ରସ୍ଥ ଲୋକମାନଙ୍କୁ ଜାଗ୍ରତ କରି କିଛି ସାମୂହିକ କାମ ହାତକୁ ନେବାକୁ ଉତ୍ସାହିତ କରିବେ<br>• ଓଟିଇଏଲ୍‌ପି କାମ କରିବା ନିମନ୍ତେ ଲୋକଙ୍କୁ ସଂଗଠିତ କରି ଗ୍ରାମ୍ୟଉନ୍ନୟନ କମିଟି ଗଠନ କରିବେ |
| ୪. | କ୍ଷେତ୍ରୀୟ ବେସରକାରୀ ସଂଗଠନର ଦକ୍ଷତା ବିକାଶ | ସାଧନ / ସମ୍ବଳ ଯୋଗାଣକାରୀ ବେସରକାରୀ ସଂଗଠନ / ଆଇ.ଟି.ଡ଼ି.ଏ | • କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାର କିପରି ସମାଧାନ କରାଯିବ ସେ ସମ୍ପର୍କରେ ତାଲିମ୍ ଦିଆଯିବ<br>• ବିଭିନ୍ନ ଯୋଗାଯୋଗ ମାଧ୍ୟମ ଓ ଉପକରଣ ସମ୍ପର୍କରେ ବୁଝାଇ ଦିଆଯିବ |
| ୫. | ଗ୍ରାମ୍ୟଉନ୍ନୟନ କମିଟି | କ୍ଷେତ୍ରୀୟ ବେସରକାରୀ ସଂଗଠନ | • ପୂର୍ବରୁ କୁହାଯିବାଭଳି ବିଭିନ୍ନ ଯୋଗାଯୋଗ ଉପକରଣ ଓ ମାଧ୍ୟମ ବ୍ୟବହାର କରି ଜନ ସମୁଦାୟଙ୍କୁ ସଂଗଠିତ କରିବେ । ଏହି ସବୁ ମାଧ୍ୟମ ଉପଯୋଗ ନିମନ୍ତେ ବିଶେଷଜ୍ଞ ମାନଙ୍କ ଦ୍ୱାରା ବୈଷୟିକ ତାଲିମ୍ ଦିଆଯିବ । କ୍ଷେତ୍ରୀୟ ବେସରକାରୀ ସଂଗଠନ ଏହିସବୁ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରି ଏଥି ନିମନ୍ତେ ବିଶେଷଜ୍ଞମାନଙ୍କୁ ଡ଼ାକାଇବେ । |

| କାର୍ଯ୍ୟକ୍ରମ | ସମୟ ପରିସର | | | | | | | | | | | |
|---|---|---|---|---|---|---|---|---|---|---|---|---|
| | ପ୍ରଥମ ବର୍ଷ | | | | ୨ୟ ବର୍ଷ | | | | ୩ୟ ବର୍ଷ | | | |
| | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ |
| ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା/ ଜିଲ୍ଲାସ୍ତରରେ ଯୋଗାଯୋଗକାରୀ ଦଳ ଗଠନ | | | | | | | | | | | | |
| ଯୋଗାଯୋଗ କୌଶଳ ନିର୍ଦ୍ଧାରଣ | | | | | | | | | | | | |
| କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ / ସମ୍ବଳ ଯୋଗାଣକାରୀ ସ୍ୱେଚ୍ଛାସେବୀ ସଂଗଠନ ନିଯୁକ୍ତି | | | | | | | | | | | | |
| ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ସଂପୃକ୍ତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀଙ୍କୁ ଯୋଗାଯୋଗ ବ୍ୟବସ୍ଥା ସଂପର୍କରେ ଅବଗତ କରାଇବା | | | | | | | | | | | | |
| ଯୋଗାଯୋଗ ଉପକରଣ ପ୍ରସ୍ତୁତି / ପ୍ରାକ୍ ପରୀକ୍ଷା / କ୍ଷେତ୍ରୀୟ ବେସରକାରୀ ସଂଗଠନ କର୍ମୀ ଓ ସ୍ଥାନୀୟ ଅଧିବାସୀଙ୍କ ପାଇଁ ତାଲିମ୍ | | | | | | | | | | | | |
| କ୍ଷେତ୍ରୀୟ ବେସରକାରୀ ସଂଗଠନର ପ୍ରଶିକ୍ଷଣ ଓ ଯୋଗାଯୋଗ କାର୍ଯ୍ୟକ୍ରମ (୧ମ ପର୍ଯ୍ୟାୟ) ର ରୂପାୟନ | | | | | | | | | | | | |
| ସଚେତନତା ଅଭିଯାନ ନିମନ୍ତେ ବିଷୟ ପ୍ରସ୍ତୁତି / ପରିଚୟ ଚିହ୍ନ ଓ ଆଇ.ଟି.ଡ଼ି.ଏ ନିର୍ଦ୍ଧାରଣ/ ଜିଲ୍ଲାବ୍ୟାପି ଅଭିଯାନ | | | | | | | | | | | | |
| ସ୍ଥାନୀୟ ଅବସ୍ଥା ଓ ଲୋକଙ୍କୁ ସୁହାଇଲା ଭଳି ପୁନଶ୍ଚ ଆବଶ୍ୟକୀୟ ଯୋଗାଯୋଗ ଉପକରଣ ପ୍ରସ୍ତୁତି | | | | | | | | | | | | |
| କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ବିବରଣୀ ପ୍ରସ୍ତୁତି ଓ ପ୍ରଚାର | | | | | | | | | | | | |
| ବିଶିଷ୍ଟ ମତସ୍ରଷ୍ଟା/ପଞ୍ଚାୟତ କର୍ମଚାରୀଙ୍କୁ ବୁଝାଇବା ନିମନ୍ତେ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ଓ କର୍ମଶାଳା ଆୟୋଜନ | | | | | | | | | | | | |
| ଗୋଷ୍ଠୀଲୋକଙ୍କୁ ପ୍ରୋତ୍ସାହନ / ଜଳବିଭାଜିକା ପ୍ରକଳ୍ପକୁ ଭଲଭାବେ କାର୍ଯ୍ୟକାରୀ କରିଥିବା କମିଟିକୁ ଉତ୍ସାହିତ କରିବା ପାଇଁ ପୁରସ୍କାର ପ୍ରଦାନ | | | | | | | | | | | | |
| ବିଭିନ୍ନ ମାଧ୍ୟମରେ ଜଳବିଭାଜିକା ପ୍ରକଳ୍ପର ଉପକରଣ ଓ କାର୍ଯ୍ୟକାରୀତା ସମ୍ପର୍କରେ ତଥ୍ୟ ପରିବେଷଣ | | | | | | | | | | | | |

| କାର୍ଯ୍ୟକ୍ରମ | ସମୟ ପରିସର | | | | | | | | | | | |
|---|---|---|---|---|---|---|---|---|---|---|---|---|
| | ପ୍ରଥମ ବର୍ଷ | | | | ୨ୟ ବର୍ଷ | | | | ୩ୟ ବର୍ଷ | | | |
| | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ |
| ସାଧାରଣ ଲୋକଙ୍କୁ ବିଭିନ୍ନ ସ୍ଥାନରେ ଏକତ୍ରିତ କରାଇ ମତ ସୃଷ୍ଟିକାରୀ ବିଶିଷ୍ଟ ବ୍ୟକ୍ତି ମାନଙ୍କ ଜରିଆରେ ଜଳବିଭାଜିକା ପ୍ରକଳ୍ପର ଉପକାରୀତା ସଂପର୍କରେ ପ୍ରସ୍ତୁତ ମୁଖ୍ୟବାର୍ତ୍ତା ପ୍ରଚାର ବ୍ୟବସ୍ଥାର ଆୟୋଜନ | | | | | | | | | | | | |
| ଜନସମୁଦାୟ ମଧ୍ୟରେ ଜାଗରଣ ସୃଷ୍ଟି ଓ ସମୂହ କାର୍ଯ୍ୟକ୍ରମ ଆଧାରରେ ବିଷୟ ନିର୍ବାଚନ | | | | | | | | | | | | |
| **ଗଣମାଧ୍ୟମର ସମର୍ଥନ ଲାଭ ଉଦ୍ୟମ** | | | | | | | | | | | | |
| କ୍ଷେତ୍ରୀୟ ବେସରକାରୀ ସଂଗଠନ ମାନଙ୍କ ଯୋଗାଯୋଗ ବ୍ୟବସ୍ଥା (୨ୟ ପର୍ଯ୍ୟାୟ) କାର୍ଯ୍ୟକାରୀ କରିବା ସମ୍ପର୍କରେ ତାଲିମ ପ୍ରଦାନ | | | | | | | | | | | | |
| ମତାମତ ସଂଗ୍ରହ ଓ ସେଥିରୁ ଶିକ୍ଷା | | | | | | | | | | | | |
| **ଦକ୍ଷତା ବିକାଶ** | | | | | | | | | | | | |
| ଯୋଗାଯୋଗ କୌଶଳ ସମ୍ପର୍କରେ କର୍ମଶାଳା | | | | | | | | | | | | |
| ଯୋଗାଯୋଗ ଯୋଜନା ପ୍ରସ୍ତୁତି ନିମନ୍ତେ ବୈଷୟିକ ସହାୟତା | | | | | | | | | | | | |
| ବୈଷୟିକ ସହାୟତା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ / ଯୋଗାଯୋଗ ବ୍ୟବସ୍ଥା କାର୍ଯ୍ୟକାରୀତାର ତଦାରଖ | | | | | | | | | | | | |
| ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନାରେ ଯୋଗାଯୋଗ ବ୍ୟବସ୍ଥା ୟୁନିଟ୍ ସ୍ଥାପନ | | | | | | | | | | | | |
| ନିର୍ଦ୍ଧାରୀତ ନୀତି ନିୟମ ଅନୁଯାୟୀ କ୍ଷେତ୍ରୀୟ ବେସରକାରୀ ସଂଗଠନକୁ ଦାୟିତ୍ୱ ପ୍ରଦାନ | | | | | | | | | | | | |
| କ୍ଷେତ୍ରୀୟ ବେସରକାରୀ ସଂଗଠନ / ବିଷୟ ବିଶେଷଜ୍ଞଙ୍କ ଓ ସଂପୃକ୍ତ ଅନ୍ୟାନ୍ୟ ବିଭାଗର ସଂପ୍ରସାରଣ କର୍ମୀଙ୍କୁ "ସହଭାଗୀ ଆଲୋଚନା ମାଧ୍ୟମ" ସମ୍ପର୍କରେ ତାଲିମ୍ ପ୍ରଦାନ | | | | | | | | | | | | |
| କ୍ଷେତ୍ରୀୟ ବେସରକାରୀ ସଂଗଠନ ନିମନ୍ତେ ତାଲିମ୍ ଉପକରଣ ପରିକଳ୍ପନା ଓ ପ୍ରସ୍ତୁତି (ବିଭିନ୍ନ ବିଷୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ) | | | | | | | | | | | | |
| ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନାର କର୍ମଚାରୀ ତଥା କାର୍ଯ୍ୟକ୍ରମ ସହ ସଂପୃକ୍ତ ଅନ୍ୟ ବିଭାଗୀୟ କର୍ମଚାରୀ ମାନଙ୍କ ସଚେତନତା ନିମନ୍ତେ କାର୍ଯ୍ୟକ୍ରମ | | | | | | | | | | | | |
| ରାଜ୍ୟ ସମନ୍ୱୟ କମିଟି ନିମନ୍ତେ କାର୍ଯ୍ୟକ୍ରମ ରୂପାୟନ ସମ୍ପର୍କରେ ନୀତି ନିୟମ ଓ ସର୍ତ୍ତାବଳୀ ପ୍ରଣୟନ/ ପ୍ରତି ତିନିମାସରେ ଏହାର ବୈଠକ ଆୟୋଜନ | | | | | | | | | | | | |

| କାର୍ଯ୍ୟକ୍ରମ | ସମୟ ପରିସର | | | | | | | | | | | |
|---|---|---|---|---|---|---|---|---|---|---|---|---|
| | ପ୍ରଥମ ବର୍ଷ | | | | ୨ୟ ବର୍ଷ | | | | ୩ୟ ବର୍ଷ | | | |
| | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ |
| ଯୋଗାଯୋଗ କାର୍ଯ୍ୟକ୍ରମକୁ ସହାୟତା ଦେବା ନିମନ୍ତେ ସଂପୃକ୍ତ ବିଭାଗୀୟ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି | | | | | | | | | | | | |
| ଅବସ୍ଥାକୁ ଦେଖି ପୁନଶ୍ଚ କିଛି ନୂଆ ଯୋଗାଯୋଗ ଉପକରଣ ପ୍ରସ୍ତୁତି | | | | | | | | | | | | |
| କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ତଥ୍ୟ ପ୍ରସ୍ତୁତି ଓ ପ୍ରକାଶନ | | | | | | | | | | | | |
| ମତ ସୃଷ୍ଟିକାରୀ ବ୍ୟକ୍ତି ଓ ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧି ମାନଙ୍କ ଅବଗତି ନିମନ୍ତେ କର୍ମଶାଳା ଆୟୋଜନ | | | | | | | | | | | | |
| ଯୋଗାଯୋଗ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇବା ନିମନ୍ତେ କ୍ଷେତ୍ରୀୟ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ପାଇଁ ତାଲିମ ବ୍ୟବସ୍ଥା ଆୟୋଜନ (୨ୟ ପର୍ଯ୍ୟାୟ) | | | | | | | | | | | | |
| କାର୍ଯ୍ୟକ୍ରମ ଆଗେଇବା ସମୟରେ ଯୋଗାଯୋଗ ରଣନୀତି ତଥା ଆଭିମୁଖ୍ୟରେ ଆବଶ୍ୟକୀୟ ସଂଶୋଧନ ଓ ସୁଧାର | | | | | | | | | | | | |
| ଲୋକେ ସହଭାଗୀ ଭାବେ ଆଲୋଚନା କରିବା ପାଇଁ ସୂଚନା ଓ ତଥ୍ୟ ସଂଯୋଜନା କରି ସେମାନଙ୍କୁ ଯୋଗାଇ ଦିଆଯିବ | | | | | | | | | | | | |
| ଜିଲ୍ଲା / ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା କାର୍ଯ୍ୟାଳୟ / ସବ୍‌ଡ଼ିଭିଜନ/ ବ୍ଲକ୍ ସ୍ତରରେ ମତ ସୃଷ୍ଟିକାରୀ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସ୍ୱେଚ୍ଛାସେବୀ ସଂଗଠନ/ ବୃତ୍ତିଧାରୀ ଅଭିଜ୍ଞ ବ୍ୟକ୍ତି / ଗୋଷ୍ଠୀ ଭିତ୍ତିକ ଅଫିସର୍ ମାନଙ୍କ ସାହାଯ୍ୟରେ ପ୍ରୋତ୍ସାହନ ପ୍ରଦାନ | | | | | | | | | | | | |
| ବିଭିନ୍ନ ସ୍ଥାନରେ ଗ୍ରାମ ଉନ୍ନୟନ କମିଟି/ ବନ ସଂରକ୍ଷଣ ସମିତି/ ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କର ସମାବେଶ ଆୟୋଜନ । ଜଳବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ସମୟରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସୂତ୍ର ଜାଣିବା ପାଇଁ ସେମାନଙ୍କ ଭିତରେ ମତ ବିନିମୟ | | | | | | | | | | | | |

| କାର୍ଯ୍ୟକ୍ରମ | ସମୟ ପରିସର | | | | | | | | | | | |
|---|---|---|---|---|---|---|---|---|---|---|---|---|
| | ପ୍ରଥମ ବର୍ଷ | | | | ୨ୟ ବର୍ଷ | | | | ୩ୟ ବର୍ଷ | | | |
| | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ |
| **ପ୍ରଥମ ପର୍ଯ୍ୟାୟ** | | | | | | | | | | | | |
| ସଚେତନତା ଅଭିଯାନ ନିମନ୍ତେ ବିଷୟ ଓ ପରିଚାୟକ ଚିହ୍ନ ନିରୂପଣ | | | | | | | | | | | | |
| ଗୋଟିଏ ଦିନ ସ୍ଥିର କରି 'ସଶକ୍ତିକରଣ ଦିବସ' ଭାବେ ପାଳନ | | | | | | | | | | | | |
| ଜିଲ୍ଲା / ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ପରିସରଭୁକ୍ତ ସମସ୍ତ ଅଞ୍ଚଳରେ (ଶୋଭାଯାତ୍ରା ଓ ସଭାଭଳି) ବିଭିନ୍ନ କାର୍ଯ୍ୟକ୍ରମ କରି ଶେଷରେ ଉତ୍ସବ ଆୟୋଜନ | | | | | | | | | | | | |
| କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟ ଓ ଉପକରଣ କାର୍ଯ୍ୟକ୍ରମ ସଂପର୍କୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା, ପ୍ରଚାର ପୁସ୍ତିକା, ଟିଣ ଫଳକ/ଆକର୍ଷଣୀୟ ବିଜ୍ଞାପନ ପତ୍ର/ ଛବିଳ ପୁସ୍ତିକା, କାର୍ଯ୍ୟକ୍ରମର ନାମ ଓ ସଂକ୍ଷିପ୍ତ ସୂଚନାଥିବା କନା ବ୍ୟାନର ଇତ୍ୟାଦି ପ୍ରସ୍ତୁତି ପରେ ପ୍ରାକ୍ ପରୀକ୍ଷା କରି ରଖାଯାଉ | | | | | | | | | | | | |
| ଜନସାଧାରଣଙ୍କୁ ସଚେତନ କଲାଭଳି ସଂକ୍ଷିପ୍ତ ବେତାରକାର୍ଯ୍ୟକ୍ରମ ପ୍ରସ୍ତୁତ ଓ ପ୍ରଚାର | | | | | | | | | | | | |
| ଜୀବିକା ନିର୍ବାହ କାର୍ଯ୍ୟକ୍ରମର ପ୍ରଚାର ଆରମ୍ଭ ଓ ପୁନଃ ଆରମ୍ଭ । ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା କାର୍ଯ୍ୟାଳୟରେ କିମ୍ବା ଅନ୍ୟାନ୍ୟ ସ୍ଥାନରେ ସଭାକରି ଜଳବିଭାଜିକା ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ | | | | | | | | | | | | |
| ସ୍ୱୟଂସହାୟକ ଗୋଷ୍ଠୀ / ଗ୍ରାମ ପଞ୍ଚାୟତ ସ୍ତରରେ ସଭା କରି ଲୋକଙ୍କୁ ଜଳବିଭାଜିକା ପ୍ରକଳ୍ପର ଉପକାରୀତା / ସୁଫଳ ବୁଝାଇ ଦିଆଯିବ | | | | | | | | | | | | |

| କାର୍ଯ୍ୟକ୍ରମ | ସମୟ ପରିସର | | | | | | | | | | | |
|---|---|---|---|---|---|---|---|---|---|---|---|---|
| | ପ୍ରଥମ ବର୍ଷ | | | | ୨ୟ ବର୍ଷ | | | | ୩ୟ ବର୍ଷ | | | |
| | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ | ୧ମ ୩ ମାସ | ୨ୟ ୩ ମାସ | ୩ୟ ୩ ମାସ | ୪ର୍ଥ ୩ ମାସ |
| **୨ୟ ପର୍ଯ୍ୟାୟ** | | | | | | | | | | | | |
| ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ଭିତରେ ସହଭାଗୀ ଯୋଗାଯୋଗ କାର୍ଯ୍ୟକ୍ରମ | | | | | | | | | | | | |
| ଗ୍ରାମାଞ୍ଚଳ ଲୋକଙ୍କର ଜୀବିକା ନିର୍ବାହ ସମ୍ପର୍କରେ ଥିବା ପୁରୁଣା ମନୋଭାବ ବଦଳାଇବା ପାଇଁ ଯୋଗାଯୋଗ ବ୍ୟବସ୍ଥାର ଉପଯୋଗ । ସେଥିପାଇଁ ଆବଶ୍ୟକୀୟ ବାର୍ତ୍ତାଳାପ ସ୍ଥିର କରିବା | | | | | | | | | | | | |
| ରେଡ଼ିଓ ମାଧମରେ ଜଳବିଭାଜିକା ପ୍ରକଳ୍ପ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ / ଜାତୀୟ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଭିତ୍ତିକ ଧାରାବାହିକ ଯାତ୍ରା ପରିବେଷଣ ନିମନ୍ତେ ବିଷୟ ପ୍ରସ୍ତୁତ କରାଯାଉ ଓ ଜନସାଧାରଣଙ୍କ ସାମ୍ନାରେ ପ୍ରଚାର କାର୍ଯ୍ୟ ଚାଲୁ | | | | | | | | | | | | |
| ସ୍ଥାନୀୟ ପ୍ରଚାରକ/ ବ୍ୟଙ୍ଗ କଳାକାର ମାନଙ୍କ ଦ୍ୱାରା ଜାତୀୟ ଗ୍ରାମାଞ୍ଚଳ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଲୋକମାନଙ୍କୁ ବୁଝାଯାଉ | | | | | | | | | | | | |
| ଗଣମାଧମ ନିମନ୍ତେ 'ସୂଚନାବଳୀ' ପ୍ରସ୍ତୁତ କରି ବିତରଣ କରାଯାଉ । ପ୍ରତି ଛଅ ମାସରେ ଏହାକୁ ସଂଶୋଧିତ / ସର୍ବଶେଷ ତଥ୍ୟ ସଂପନ୍ନ କରାଯାଉ | | | | | | | | | | | | |
| ଗଣମାଧମର (ସମ୍ପାଦକ ଓ ସାମ୍ବାଦିକ) ପ୍ରତିନିଧି ମାନଙ୍କ ଅବଗତି ନିମନ୍ତେ ରାଜ୍ୟ ସ୍ତରୀୟ କର୍ମଶାଳା ଆୟୋଜନ କରାଯାଉ | | | | | | | | | | | | |
| **ସୂଚନା ଅଧିକାର** | | | | | | | | | | | | |
| ସୂଚନା ଅଧିକାର ସମ୍ପର୍କରେ ସବିଶେଷ ବିବରଣୀ ସମ୍ବଳିତ ଏକ ଅଧିକାର ପତ୍ର ପ୍ରସ୍ତୁତ କରି ଗୃହୀତ କରାଇ ନିଆଯାଉ | | | | | | | | | | | | |
| ମତାମତ ସଂଗ୍ରହ ଓ ସେଥିରୁ ଶିକ୍ଷାଲାଭ | | | | | | | | | | | | |

## ସାରଣୀ – ୨

# ଓଟିଇଏଲ୍‌ପି ପ୍ରକଳ୍ପ ବିକାଶ ନିମନ୍ତେ ଗ୍ରାମ୍ୟ ସ୍ତରର ଯୋଗାଯୋଗ କାର୍ଯ୍ୟକ୍ରମ

| କ୍ର.ନଂ | ପଦକ୍ଷେପ | କାର୍ଯ୍ୟ ବିବରଣୀ | ଦାୟିତ୍ୱ | ସମୟ ନିର୍ଘଣ୍ଟ |
|---|---|---|---|---|
| ୧ | ଗ୍ରାମ୍ୟ ଉନ୍ନୟନର ସହଭାଗୀ ସମୀକ୍ଷା (PRA) : ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ସ୍ଥାପନ | କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀ, ଗ୍ରାମ୍ୟ ପ୍ରଚାରକର୍ମୀ ଓ ଗ୍ରାମ୍ୟ ଉନ୍ନୟନ କମିଟିର ସଂପାଦକ ସ୍ଥାନୀୟ ଜନସାଧାରଣଙ୍କ ସହ ସାମାଜିକ ବ୍ୟବସ୍ଥା, ସେମାନଙ୍କ ପାଇଁ ସରକାର କ'ଣ କରୁଛନ୍ତି, ସେମାନେ ଭଲରେ କି ମନ୍ଦରେ ଅଛନ୍ତି, ଏସବୁ ବିଷୟରେ ସେମାନଙ୍କୁ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରିବେ ଏବଂ ସେମାନଙ୍କର ବର୍ତ୍ତମାନର ଅବସ୍ଥା ବିଷୟରେ ଦୁଇ ତିନି ଦିନର ଆଲୋଚନା ମାଧ୍ୟମରେ ବୁଝାଇଦିଆଯିବ । ଏହି ଅଞ୍ଚଳର ଅଧିବାସୀଙ୍କ ଜୀବିକା, ଆର୍ଥିକ ଅବସ୍ଥା, ଏ ଅଞ୍ଚଳର କିଏ ବିଶିଷ୍ଟ ବ୍ୟକ୍ତି ଅଛନ୍ତି, ଏଠିକାର ପରିବେଶ ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସେମାନଙ୍କ ସହ ସୌହାର୍ଦ୍ଦ୍ୟ ସ୍ଥାପନ କରାଯିବ । | | |
| ୨ | ସମସ୍ୟା ଚିହ୍ନଟୀକରଣ ଓ ସମାଧାନର ସୂତ୍ର ନିର୍ଣ୍ଣୟ | • ଦ୍ୱିତୀୟ କାମ ହେଲା, ସେଠା ଲୋକମାନଙ୍କ ଆଗରେ କ'ଣ ସବୁ ସମସ୍ୟା ଦେଖା ଦେଉଛି ଏବଂ କିପରି ତାହାର ସମାଧାନ କରାଯାଇପାରିବ, ଆଲୋଚନା ହେବ ।<br>• ଘରଘର ବୁଲି ସେମାନଙ୍କର ତଥା ଗ୍ରାମର ପରିସ୍ଥିତି ସମ୍ପର୍କରେ ସେମାନଙ୍କୁ ପଚାରି ତଥ୍ୟ ସଂଗ୍ରହ କରାଯିବ । ପରେ ପୁଣି ଗ୍ରାମ ଲୋକଙ୍କ ସମାବେଶରେ ତାହାର ଆଲୋଚନା ହେବ ।<br>• ଯେଉଁ ସମସ୍ୟା ଉତ୍କଟ ଏବଂ ଲୋକେ ତୁରନ୍ତ ତା'ର ସମାଧାନ ଚାହାନ୍ତି, ସେ ପ୍ରକାର ସମସ୍ୟା ଚିହ୍ନଟ କରାଯିବ ।<br>• ଆଲୋଚନାର ବିଷୟ ବସ୍ତୁ ହେବ – ସେମାନଙ୍କ ଜୀବିକାର୍ଜନର ପନ୍ଥା, ସେଠାରେ କି କି ପ୍ରାକୃତିକ ସଂପଦ ରହିଛି, ପ୍ରଧାନ ଅର୍ଥକାରୀ ଫସଲ ଓ ଖାଦ୍ୟଶସ୍ୟ ଉତ୍ପାଦନରେ ସମସ୍ୟା ଓ ତାହାର କାରଣ, କେହି ସଂପ୍ରସାରଣ କର୍ମୀ ଆସି ସାହାଯ୍ୟ କରନ୍ତି କି, ଗାଁରେ କେତେ ସ୍ତ୍ରୀ କେତେ ପୁରୁଷ, ଲୋକେ କିଭଳି ଚଳନ୍ତି ଏବଂ କେଉଁମାନେ ନୂତନ ପ୍ରକଳ୍ପରେ ସାମିଲ ହେବେ ।<br>• ଆଗ୍ରହର ଲୋକମାନଙ୍କର ଜ୍ଞାନ, ସାମର୍ଥ୍ୟ ଓ ଅଂଶୀଦାର ହେବା ପାଇଁ ଆକଳନ କରାଯିବ । ନୂତନ ପ୍ରକଳ୍ପ ହାତକୁ ନେବାପାଇଁ ସେମାନେ ଯେପରି ଆଗ୍ରହୀ ହେବେ, ସେଥିପାଇଁ ଉତ୍ସାହିତ କରାଯିବ । | | |
| ୩ | ଚିହ୍ନଟ ହୋଇଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବିଭିନ୍ନ ଗୋଷ୍ଠୀ ଓ ସତ୍ତ୍ୱାଧିକାରୀମାନଙ୍କୁ ବାଛିବା । | • ବିଭିନ୍ନ ତଥ୍ୟ ଜାଣିବା ପରେ ଗୋଟିଏ କୃଷକ ଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ସମସ୍ୟା ସମାଧାନର ପନ୍ଥାନିମନ୍ତେ ସୁପାରିଶ୍ କରି ପାରନ୍ତି କିମ୍ବା ଆଉ ଗୋଟିଏ କୃଷକ ଗୋଷ୍ଠୀ ଯେଉଁମାନେ ସମାନ ପରିସ୍ଥିତିରେ ଅଛନ୍ତି, ସେମାନେ ମଧ୍ୟ ଏକ ପ୍ରକାର ସମାଧାନର ବାଟ ସ୍ଥିର କରିପାରନ୍ତି ।<br>• କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମକର୍ତ୍ତା ଏହି ଆଲୋଚନା ମାଧ୍ୟମରେ ନିର୍ଦ୍ଦିଷ୍ଟ ସମସ୍ୟାର ସମ୍ମୁଖୀନ ହେଉଥିବା ବିଭିନ୍ନ ଗୋଷ୍ଠୀର ଲୋକଙ୍କୁ ଚିହ୍ନଟ କରିପାରନ୍ତି କିମ୍ବା ସମାନ ଉନ୍ନୟନ ମୂଳକ କାର୍ଯ୍ୟ ଚାହୁଁଥିବା ବିଭିନ୍ନ ଗୋଷ୍ଠୀକୁ ଚିହ୍ନଟ କରିପାରନ୍ତି<br>• ପ୍ରତ୍ୟେକଙ୍କ ସହ କିପରି ସର୍ବୋତ୍ତମ ସମ୍ପର୍କ ସ୍ଥାପନ କରିହେବ, ତାହାର ବାଟ ବାହାର କରିବାକୁ ପଡ଼ିବ ଏବଂ ପ୍ରତ୍ୟେକ ଲୋକଙ୍କ ସହ କଥାବାର୍ତ୍ତା କରିବାକୁ ହେବ | | |

| କ୍ର.ନଂ | ପଦକ୍ଷେପ | କାର୍ଯ୍ୟ ବିବରଣୀ | ଦାୟିତ୍ୱ | ସମୟ ନିର୍ଘଣ୍ଟ |
|---|---|---|---|---|
| ୪ | ଉପଯୁକ୍ତ ଯୋଗାଯୋଗ ମାଧ୍ୟମ ସ୍ଥିର କରିବାକୁ ହେବ | • ନିର୍ଦ୍ଦିଷ୍ଟ ଯୋଗାଯୋଗ ଆବଶ୍ୟକତା ପ୍ରତି ଧ୍ୟାନ ଦିଅନ୍ତୁ ।<br>• ଆମେ କେଉଁ ପ୍ରକାର ଯୋଗାଯୋଗ ଲକ୍ଷ୍ୟ ରଖିଛୁ ଏବଂ ସେଥି ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାର କି ପ୍ରକାର ଉନ୍ନତି ସାଧନ କରାଯାଉଛି, ତାହା ସ୍ଥିର କରିବା । ସେହି ପ୍ରକାର ଯୋଗାଯୋଗ ମାଧ୍ୟମରେ ଆମେ ଲକ୍ଷ୍ୟ ପଥରେ ଆଗେଇବା<br>• ବିଭିନ୍ନ ଗୋଷ୍ଠୀ ପ୍ରକଳ୍ପ କାର୍ଯ୍ୟରେ ସାମିଲ ହେବେ ଏବଂ ଆମକୁ ସେମାନଙ୍କ ସହ ମିଶି କାମ କରିବାକୁ ପଡ଼ିବ । ସେହି ବିଭିନ୍ନ ଗୋଷ୍ଠୀମାନଙ୍କ ସହ ମିଶି ସେମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ଆମକୁ ସାହାଯ୍ୟ କରିବାକୁ ପଡ଼ିବ । | | |
| ୫ | ଯୋଗାଯୋଗ ପାଇଁ ଉପକରଣ ପ୍ରସ୍ତୁତି ଓ ତା'ର ପରୀକ୍ଷଣ | • ପ୍ରଥମେ ଗୋଷ୍ଠୀଲୋକଙ୍କ ପାଇଁ ବହୁପ୍ରକାର ଯୋଗାଯୋଗ ଉପାଦାନ ପ୍ରସ୍ତୁତ ହେବ ଓ ସେମାନଙ୍କ ଅଭ୍ୟାସ ପ୍ରତି ଲକ୍ଷ୍ୟରଖି ନିର୍ଦ୍ଦିଷ୍ଟ ଉପାଦାନ ପ୍ରଚଳନ ଉପରେ ଗୁରୁତ୍ୱ ଦିଆଯିବ<br>• ଆମେ ଯେତେ ଲୋକଙ୍କୁ ପ୍ରକଳ୍ପରେ ସାମିଲ କରିବା, ସମସ୍ତଙ୍କ ପାଇଁ ଆବଶ୍ୟକୀୟ ଯୋଗାଯୋଗ ଉପାଦାନ ସଂଗ୍ରହ କରିବା ପୂର୍ବରୁ ଅଳ୍ପ କେତେଜଣଙ୍କ ପାଖରେ ତାହାର ଉପଯୋଗୀତା ପ୍ରାକ୍ ପରୀକ୍ଷଣ ମାଧ୍ୟମରେ ଜାଣି ନେବା ଉଚିତ୍ | | |
| ୬ | ଯୋଗାଯୋଗ ଉପକରଣର ବ୍ୟବହାର (ବିଶଦ ବିବରଣୀ ଅନ୍ୟତ୍ର ଦେଖନ୍ତୁ) | • ପ୍ରଥମେ ଗଣମାଧ୍ୟମରେ ପ୍ରଚାର, ଏହାପରେ ଦଳଗତ ଆଲୋଚନା ଓ ଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ଜରିଆରେ ବାର୍ତ୍ତାପ୍ରଦାନ | | |
| ୭ | ତଦାରଖ କାର୍ଯ୍ୟ | • କାର୍ଯ୍ୟକ୍ରମ ଠିକ୍ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ପଥରେ ଅଗ୍ରଗତି କରୁଛି କି ନାହିଁ ପର୍ଯ୍ୟବେକ୍ଷଣ କରିବା ।<br>• ଅଗ୍ରଗତି ପଥରେ ଦେଖାଦେଉଥିବା ସମସ୍ୟା ଓ ତାହାର ସମାଧାନର ରାସ୍ତା ସ୍ଥିର କରିବା | | |
| ୮ | ବିବରଣୀ ଲିଖନ | • କ'ଣ କ'ଣ କାର୍ଯ୍ୟ କରାଗଲା, ତାହାର ବିବରଣୀ ଦେବା<br>• କ'ଣ ସବୁ ସମସ୍ୟା ଦେଖାଦେଲା ଏବଂ କିପରି ତାହାର ସମାଧାନ କରାଗଲା, ତାହା ନିଶ୍ଚିତଭାବେ ଲିପିବଦ୍ଧ କରିବା<br>• 'ସାପ୍ତାହିକ କାର୍ଯ୍ୟ ବିବରଣୀ' ବ୍ୟବହାର କରିବା । ପ୍ରତି ସପ୍ତାହରେ କ'ଣ ସବୁ କାର୍ଯ୍ୟ ହେଲା, ତାହା ଲିପିବଦ୍ଧ କରିରଖିବା । ତଦାରଖକାରୀ ନିଜ ଦୃଷ୍ଟିକୋଣରୁ ସେଥିରେ ମନ୍ତବ୍ୟ ଲେଖନ୍ତୁ | | |

## ସାରଣୀ – ୩

# ସୂଚକ

| କ୍ର.ନଂ | କାର୍ଯ୍ୟକ୍ରମ | ସୂଚକ<br>ରୂପାୟନ ତଦାରଖ | ସୂଚକ<br>କାର୍ଯ୍ୟକ୍ରମ ଓ ତଦାରଖ | ସୂଚକ<br>ଦୀର୍ଘ ସ୍ଥାୟୀତ୍ୱ ତଦାରଖ |
|---|---|---|---|---|
| | **ପ୍ରସ୍ତୁତି ପର୍ଯ୍ୟାୟ** | | | |
| ୧ | ରାଜ୍ୟ ଓ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ମାନଙ୍କ ପାଇଁ ଓଟିଇଏଲ୍‌ପି ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ | ବୈଠକ, କର୍ମଶାଳା ତାଲିମ୍ ପ୍ରଦାନ - (ରାଜ୍ୟ ଓ ଜିଲ୍ଲା ସ୍ତରରେ) | ଆଲୋଚ୍ୟ ବିଷୟ, ଉପାଦେୟତା ଇତ୍ୟାଦି | ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ଓ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତାମାନେ ସ୍ପଷ୍ଟ ଧାରଣା ପାଇଲେକି ନାହିଁ |
| ୨ | ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ/ ସମ୍ବଳ ଯୋଗାଣକାରୀ ବେସରକାରୀ ସଂଗଠନ ମନୋନୟନ ଏବଂ ଆଇ.ଟି.ଡ଼ି.ଏ ସହ ସେମାନଙ୍କର ରାଜିନାମା | ମାସକ ମଧ୍ୟରେ ଆଇଟିଡ଼ିଏ ସହ କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ / ସମ୍ବଳ ଯୋଗାଣକାରୀ ସଂଗଠନ ମଧ୍ୟରେ ପାରସ୍ପରିକ ସହମତିରେ ରାଜିନାମା ସ୍ୱାକ୍ଷର | ତାଲିକାରୁ କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ /ସମ୍ବଳ ଯୋଗାଣକାରୀ ସଂଗଠନ ମାନଙ୍କ ପୂର୍ବ କାର୍ଯ୍ୟକ୍ରମ ଦେଖି ଆମ ପ୍ରକଳ୍ପର ଆବଶ୍ୟକତା ଅନୁସାରେ ମନୋନୟନ | ପ୍ରକଳ୍ପର ଉଦ୍ଦେଶ୍ୟ, ଏହାର ଫଳାଫଳ ଆଇ.ଟି.ଡ଼ି.ଏ ସହ ବୁଝାମଣା ସମ୍ପର୍କରେ ସଂଗଠନ ମାନଙ୍କର ସ୍ପଷ୍ଟ ଧାରଣା ସୃଷ୍ଟି |
| ୩ | ପ୍ରକଳ୍ପ କର୍ମୀ ମାନଙ୍କୁ ଓଟିଇଏଲ୍‌ପି ସମ୍ପର୍କରେ ତାଲିମ୍ ପ୍ରଦାନ | କେତୋଟି ତାଲିମ୍ କାର୍ଯ୍ୟକ୍ରମ ହେଲା /କର୍ମୀ ମାନଙ୍କର ଉପସ୍ଥାନ | ତାଲିମ୍‌ର ବିଷୟବସ୍ତୁ ଉପଯୋଗୀତା, ମୂଲ୍ୟାୟନ ହାର ଇତ୍ୟାଦି | ସାଧନ ଯୋଗାଣ ଓ ପ୍ରକଳ୍ପ ପରିଚାଳନା ସମ୍ପର୍କରେ ଆଇ.ଟି.ଡ଼ି.ଏ କର୍ମକର୍ତ୍ତାଙ୍କର ସ୍ପଷ୍ଟ ଧାରଣା |
| ୪ | କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ ଯୋଗାଣକାରୀ ସଂଗଠନ ମାନଙ୍କୁ ତାଲିମ୍ ପ୍ରଦାନ (ପ୍ରଥମ ପର୍ଯ୍ୟାୟ) | କେତୋଟି ତାଲିମ୍ କାର୍ଯ୍ୟକ୍ରମ ହେଲା /କର୍ମୀ ମାନଙ୍କର ଉପସ୍ଥାନ | ତାଲିମ୍‌ର ବିଷୟ ବସ୍ତୁ ଉପଯୋଗୀତା, ମୂଲ୍ୟାୟନ ହାର ଇତ୍ୟାଦି | ଓଟିଇଏଲ୍‌ପି ଓ ଜନ ସମୁଦାୟଙ୍କୁ ଜାଗ୍ରତ କରିବା ସମ୍ପର୍କରେ କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ ସଂଗଠନ ମାନଙ୍କର ସ୍ପଷ୍ଟ ଧାରଣା |
| ୫ | ପ୍ରକଳ୍ପ ସମ୍ପର୍କରେ ଗ୍ରାମ ପଞ୍ଚାୟତ ଓ ଅନ୍ୟାନ୍ୟ ପଞ୍ଚାୟତ କର୍ମୀଙ୍କର ସଚେତନତା | ବୈଠକ, କର୍ମଶାଳା ଓ ତାଲିମ୍ କାର୍ଯ୍ୟକ୍ରମ | ତାଲିମ୍ ବିଷୟବସ୍ତୁ / ଉପଯୋଗୀତା | ଓଟିଇଏଲ୍‌ପି ର ମୂଳ ନୀତି ସମ୍ପର୍କରେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ କର୍ମଚାରୀଙ୍କର ସଚେତନତା |
| ୬ | ଜନ ସମୁଦାୟଙ୍କ ପ୍ରକଳ୍ପ ସମ୍ପର୍କରେ ସଚେତନତା | ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ | ତାଲିମ୍‌ର ବିଷୟ ଓ ତାଲିମ୍ ପରେ ମତାମତ ସଂଗ୍ରହ | ଆମେ କାହିଁକି ପ୍ରକଳ୍ପ ଚାହୁଁ ଏ ସଂମ୍ପର୍କରେ ଅନ୍ୟୁନ ୭୦ ଭାଗ ଲୋକଙ୍କର ସ୍ପଷ୍ଟ ଧାରଣା ସୃଷ୍ଟି |
| | **ରୂପାୟନ ପର୍ଯ୍ୟାୟ** | | | |
| ୧ | ନିର୍ଦ୍ଦିଷ୍ଟ ଲୋକଙ୍କ ପରିବାର ଓ ଗୋଷ୍ଠୀ ସଂଗଠନରେ ସଚେତନତା ସୃଷ୍ଟି ଓ ଗ୍ରାମ ଉନ୍ନୟନ କମିଟି ଗଠନ | କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନେ କେତେ ଥର ଘରକୁ ଗଲେ, କେତେ ହିତାଧିକାରୀଙ୍କ ପରିବାରକୁ ଭେଟିଲେ ଏବଂ ସେଠାରେ ଚାଲିଥିବା ଅନ୍ୟାନ୍ୟ ପ୍ରକଳ୍ପ ସହ ନିଜକୁ ସମ୍ପୃକ୍ତ କଲେ | ଜନସାଧାରଣଙ୍କ ଶକ୍ତି ଓ ଦୁର୍ବଳତା ଏବଂ ଗାଁ ଲୋକଙ୍କ ଗତି ଓ ପ୍ରକୃତି ସମ୍ପର୍କରେ କ୍ଷେତ୍ରୀୟ ବେସରକାରୀ ସଂଗଠନର କର୍ମୀମାନଙ୍କ ଆକଳନ | କ୍ଷେତ୍ରୀୟ ବେସରକାରୀ ସଂଗଠନର ଗାଁ ଲୋକେ ମୋଟାମୋଟି ଭଲପାଇଲେ କି ? |

| କ୍ର.ନଂ | କାର୍ଯ୍ୟକ୍ରମ | ସୂଚକ<br>ରୂପାୟନ ତଦାରଖ | ସୂଚକ<br>କାର୍ଯ୍ୟକ୍ରମ ଓ ତଦାରଖ | ସୂଚକ<br>ଦୀର୍ଘ ସ୍ଥାୟୀତ୍ୱ ତଦାରଖ |
|---|---|---|---|---|
| ୨ | ସାଧନ / ସମ୍ବଳ ଆକଳନ ଓ ବିଶ୍ଳେଷଣ | ଆବଶ୍ୟକତା ଅନୁସାରେ ପ୍ରାପ୍ତ କି ନୁହେଁ | ପ୍ରାପ୍ତ ସାଧନ ସାମଗ୍ରୀର ଗୁଣାତ୍ମକ ମୂଲ୍ୟ ଠିକ୍ ଅଛି କି ନାହିଁ | ଗ୍ରାମ୍ୟଉନ୍ନୟନ କମିଟି କେତେଦୂର ନିଜକୁ ଜଡ଼ିତ କରାଇଛି ? ବିଭିନ୍ନ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ କମିଟି ବୁଝିଲେ କି ନାହିଁ |
| ୩ | ଗ୍ରାମ୍ୟଉନ୍ନୟନ କମିଟି ଗଠନ | ଗ୍ରାମ୍ୟଉନ୍ନୟନ କମିଟି ପାଇଁ ସଭ୍ୟ ନିର୍ବାଚନ | ଗାଁ ଭିତରେ ଏକତା ପ୍ରତିଷ୍ଠା, ବାଦ ବିବାଦ ସମାଧାନ ଓ ଉଦୀୟମାନ ନେତୃତ୍ୱ ସୃଷ୍ଟି | ପ୍ରକଳ୍ପ- ସଂଗଠନର ନିୟମ କାନୁନ୍ ସମ୍ପର୍କରେ ସଭ୍ୟମାନେ କେତେଦୂର ବୁଝିଛନ୍ତି ? ପ୍ରକଳ୍ପକୁ ମିଳିମିଶି ଗାଁ ଲୋକେ ପରିଚାଳନା କରିବା କଥା ଅନ୍ତତଃ ୮୦ ପ୍ରତିଶତ ହିତାଧିକାରୀ ବୁଝିଥିବା ଏବଂ ତାହା ସେମାନେ ବଜାୟ ରଖିବା ଆବଶ୍ୟକ |
| ୪ | କ୍ଷେତ୍ରୀୟ ବେସରକାରୀ ସଂଗଠନ ଓ ସାଧନ ଯୋଗାଣକାରୀ ସଂଗଠନଙ୍କ ଦକ୍ଷତା ବିକାଶ | କେତୋଟି ଓ କି ପ୍ରକାର ତାଲିମ୍ କାର୍ଯ୍ୟକ୍ରମ କରାଯିବ | ତାଲିମ୍‌ର ବିଷୟ ଓ ଉପଯୋଗିତା | ତାଲିମ୍‌ରେ ଯାହା ବୁଝିଲେ କେତେଦୂର ସେମାନେ ତାହା ବଜାୟ ରଖିପାରିବେ |
| ୫ | ଗ୍ରାମ୍ୟଉନ୍ନୟନ କମିଟି, ବନ ସଂରକ୍ଷଣ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦକ୍ଷତା ବିକାଶ | କେତୋଟି ଓ କିପ୍ରକାର ତାଲିମ୍ କାର୍ଯ୍ୟକ୍ରମ ହେଲା / ଉପସ୍ଥାନ ସଂଖ୍ୟା | ତାଲିମ୍‌ର ବିଷୟ / ଉପଯୋଗୀତା, ମୂଲ୍ୟାୟନ ହାର | ପ୍ରକଳ୍ପ ନିର୍ମାଣ ଓ ପରିଚାଳନାର ଉଦ୍ଦେଶ୍ୟ ବୁଝିଲେ କି ନାହିଁ ଓ କେତେଦୂର ସେମାନେ ଏହା ମନେରଖି ପାରିବେ |
| ୬ | ଜନସମୁଦାୟଙ୍କ ପାଇଁ କର୍ମ ଯୋଜନା ପ୍ରସ୍ତୁତି | କେତୋଟି କାର୍ଯ୍ୟକ୍ରମ / ଖର୍ଚ୍ଚ ଅଟକଳ, ସମୟସୀମା /ଅଂଶୀଦାର ମାନଙ୍କ ଖର୍ଚ୍ଚ ବହନ କ୍ଷମତା | ମହିଳା, ହରିଜନ ମାନଙ୍କ ସଂପୃକ୍ତି, ମୋଟ ଖର୍ଚ୍ଚର କେତେ ପ୍ରତିଶତ ଅଂଶୀଦାରମାନେ ବହନ କରି ପାରିବେ । ପ୍ରକଳ୍ପ ଯୋଜନାରେ କାହିଁକି କେତେକ ନିର୍ଦ୍ଦିଷ୍ଟ ବିଷୟ ରହିଛି । ସେ ସଂପର୍କରେ ସଚେତନତା ଓ ଯୋଜନା ସମ୍ପର୍କରେ ଜ୍ଞାନ | ଯୋଜନାରେ ସନ୍ନିବିଷ୍ଟ କେତେକ କାର୍ଯ୍ୟକ୍ରମର ଉପଯୋଗୀତା, ବାସ୍ତବତା ଓ ତାହାର ଦୀର୍ଘସ୍ଥାୟୀ ପ୍ରଭାବ ସମ୍ପର୍କରେ ସାଧାରଣରେ ଧାରଣା / ପ୍ରକଳ୍ପରେ କେତେ ପରିମାଣ ସ୍ଥାନୀୟ ଜ୍ଞାନ କୌଶଳ ଉପଯୋଗ କରାଯାଇଛି |
| ୭ | କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତ୍ୟେକଙ୍କର ପର୍ଯ୍ୟବେକ୍ଷଣ ଓ ମତାମତ | ପ୍ରତ୍ୟେକ ଘରେ ଏ ସମ୍ପର୍କରେ ସମୀକ୍ଷା ଓ ମତାମତ ସଂଗ୍ରହ | ସମୀକ୍ଷା ସମୟରେ ପ୍ରତ୍ୟେକ ହିତାଧିକାରୀଙ୍କ ଅଂଶ ଗ୍ରହଣ | ଏହି କାର୍ଯ୍ୟକ୍ରମରେ ଜନ ସମୁଦାୟଙ୍କ ମାଲିକାନା ପ୍ରତିଫଳିତ ହେଉଛି କି ? ଦେଖିବାକୁ ହେବ କାର୍ଯ୍ୟକ୍ରମରେ ସମଗ୍ର ଜନ ସମୁଦାୟଙ୍କ ଅଂଶ ଗ୍ରହଣ ଯେପରି ହେବ |